ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
पर्यवेक्षक
Vol.26 . No.290 Bhubaneswar Saturday January 06 2024 | ୨୬ତମ ବର୍ଷ ସଂଖ୍ୟା-୨୯୦ ଭୁବନେଶ୍ୱର, ଶନିବାର, ଜାନୁଆରୀ ୦୬, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

# ଚିନ୍ତନ ବୈଠକରେ ରୋଡମ୍ୟାପ୍ ଚୂଡାନ୍ତ : ସାଲିସ୍ ନୁହେଁ ଏଥର ଜିତିବା ପାଇଁ ଲଢ଼ିବ ବିଜେପି



ଭୁବନେଶ୍ୱର,୫।୧(ପି.ଏନ): କୌଣସି ରାଜନୀତିକ ଦଳ ସହ ସାଲିସ୍ କରାଯିବ ନାହିଁ। ଆଗାମୀ ସାଧାରଣ ନିର୍ବାଚନରେ ଜିତିବା ପାଇଁ ଦଳ ଲଢ଼େଇ କରିବ। ଏନେଇ ରାଉରକେଲାରେ ଅନୁଷ୍ଠିତ ଦଳର ଚିନ୍ତନ ବୈଠକରେ ନିଷ୍ପତ୍ତି ନିଆଯାଇଛି ବୋଲି ବିଜେପି ସାଂସଦ ଅପରାଜିତା ଷଡଙ୍ଗୀ କହିଛନ୍ତି।ସେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଚିନ୍ତନ ବୈଠକରେ ରାଜ୍ୟର ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଛି। ଦଳର ୪୦ଜଣ ବରିଷ୍ଠ ନେତା ଏହି ବୈଠକରେ ଯୋଗ ଦେଇଥିଲେ। ରୋଡମ୍ୟାପ୍ ଚୂଡାନ୍ତ ହୋଇଛି। କେଉଁ ବିଷୟକୁ ନେଇ କାମ କରିବୁ ତାହା ସ୍ଥିର ହୋଇଛି। ଓଡିଶାରେ କୌଣସି ରାଜନୀତିକ ଦଳ ସହ ସାଲିସ ଓ ମେଂଟ କରାଯିବାର ପ୍ରଶ୍ନ ଉଠୁନାହିଁ। ଦଳ ଜିତିବା ପାଇଁ ଏଥର ଲଢ଼େଇ କରିବ । ଆତ୍ମବିଶ୍ୱାସର ସହ ଏଥର ଲଢ଼େଇକୁ ଯାଉଛୁ। ସମସ୍ତ ୧୪୭ଟି ବିଧାନସଭା ଓ ୨୧ଟି ଲୋକସଭା ଆସନରେ ଦଳ ପ୍ରାର୍ଥୀ ଦେବ। ଲୋକଙ୍କ ସହ ସମ୍ପର୍କ ଓ ଲୋକଙ୍କ ସାଙ୍ଗରେ ରହି କାମ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ୪ଟି ଜାତି ଉପରେ ପ୍ରଧାନମନ୍ତ୍ରୀ କହୁଛନ୍ତି। ଚାଷୀ,ମହିଳା,ଯୁବ ଓ ଗରିବ ଉପରେ ଧ୍ୟାନକେନ୍ଦ୍ରିତ କରିବୁ। ସେମାନଙ୍କ ସହ ଜଡିତ ହୋଇ ସେମାନଙ୍କ ନିମନ୍ତେ କାମ କରିବାର ଅଛି। ଏଥର ଦଳ ରାଜ୍ୟରେ ସରକାର ଗଢ଼ିବା ସହ ଲୋକସଭାରେ ୧୬ରୁ ଅଧିକ ସିଟ୍ ଆଣିବ ବୋଲି ସେ ଦମ୍ଭୋକ୍ତି ବାଢ଼ିଛନ୍ତି।







# ୧୧ ସୁଦ୍ଧା ନିର୍ମାଣ ସରିବ ପୁରୀ ପରିକ୍ରମା ପ୍ରକଳ୍ପ, ୧୪ରୁ ହାତକୁ ନେବ ପୁଲିସ



ଭୁବନେଶ୍ୱର,୫।୧(ପି.ଏନ): ପୁରୀସ୍ଥିତ ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିର ଚାରିପାଶ୍ୱରେ ଚାଲିଥିବା ପରିକ୍ରମା ପ୍ରକଳ୍ପ(ଐତିହ୍ୟ କରିଡର)ର ନିର୍ମାଣ କାର୍ଯ୍ୟ ଚଳିତମାସ ୧୧ତାରିଖ ସୁଦ୍ଧା ଶେଷ ହେବ। ଆଉ ସୁରକ୍ଷା ଦୃଷ୍ଟିରୁ ୧୪ତାରିଖରୁ ସମ୍ପୂର୍ଣ୍ଣ ଅଂଚଳକୁ ପୁରୀ ପୁଲିସ ନିଜ ନିୟନ୍ତ୍ରଣକୁ ନେବ । ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନା ଆଜି ଏହି ସୂଚନା ଦେଇଛନ୍ତି।ପରିକ୍ରମା ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ଜେନା କହିଛନ୍ତି ଯେ, ଚଳିତମାସ ୧୧ତାରିଖ ସୁଦ୍ଧା ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଓଡିଶା ବ୍ରିଜ୍ କନଷ୍ଟ୍ରକ୍ସନ କର୍ପ ?ରେସନ(ଓବିସିସି) ନିର୍ଦ୍ଦେଶ ଦିଆଯାଇଛି । ଓବିସିସି କର୍ତ୍ତୃପକ୍ଷ ପ୍ରକଳ୍ପ କାର୍ଯ୍ୟକୁ ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରିବେ । ଏହାପରେ ଜାନୁୟାରୀ ୧୪ରୁ ଏସବୁ ଅଂଚଳର ସୁରକ୍ଷା ପାଇଁ ପୁରୀ ପୁଲିସ ନିଜ ନିୟନ୍ତ୍ରଣକୁ ନେବ। ପରିକ୍ରମା ପ୍ରକଳ୍ପ ୧୭ତାରିଖରେ ଲୋକାର୍ପଣ ହେବ । ଏହି ଉଦଘାଟନ ସମାରୋହରେ ସାମିଲ ହେବାକୁ ରାଜ୍ୟ ତଥା ଦେଶର ବିଭିନ୍ନ ଭାଗରୁ ଆସୁଥିବା ଶ୍ରଦ୍ଧାଳୁ, ପର୍ଯ୍ୟଟକମାନଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି ।ବଡଦାଣ୍ଡର ଉଭୟ ପାଶ୍ୱରେ ଥିବା କୋଠାର ଛାତ ଉପରେ ବସିବାର ବ୍ୟବସ୍ଥା ହେବ । ଜିଲ୍ଲା ପ୍ରଶାସନ ମଧ୍ୟ ଏନେଇ ବଡଦାଣ୍ଡରେ ଥିବା ବିଭିନ୍ନ ମଠ ଓ କୋଠାର ମାଲିକଙ୍କୁ ଚିଠି ଲେଖିଛନ୍ତି । ଦୁଧୱାଲା ଧର୍ମଶାଳା, ବାଗେଡିଆ ଧର୍ମଶାଳା, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ରାଧାବଲ୍ଲଭ ମଠ, ପ୍ରତିହାରୀ ନିଯୋଗ ଅଫିସ ଓ ସିଂହଦ୍ୱାର ସୂଚନା କେନ୍ଦ୍ର କୋଠାରେ ବସିବା ପାଇଁ ବ୍ୟବସ୍ଥା ହୋଇଛି।

## ରାଜ୍ୟରେ ୩.୩୨କୋଟି ଭୋଟର: ୭.୫୪ ଲକ୍ଷ ଯୁବ ଭୋଟର, ମହିଳା ଭୋଟରଙ୍କ ଅନୁପାତ ବଢ଼ିଲା

ଭୁବନେଶ୍ୱର,୫।୧(ପି.ଏନ): ରାଜ୍ୟରେ ମୋଟ ଭୋଟରଙ୍କ ସଂଖ୍ୟା ୩ କୋଟି ୩୨ଲକ୍ଷ ୩୬ହଜାର ୩୬୦ । ଏଥିରେ ପୁରୁଷ ଭୋଟରଙ୍କ ସଂଖ୍ୟା ୧କୋଟି ୬୮ଲକ୍ଷ ୫୦ହଜାର ୯୪୯ଜଣ ଥିବାବେଳେ ୧କୋଟି ୬୩ଲକ୍ଷ ୮୨ହଜାର ୩୧ଜଣ ମହିଳା ଭୋଟର ଅଛନ୍ତି । ଯୁବ ଭୋଟର(୧୮-୧୯ବର୍ଷର)ଙ୍କ ସଂଖ୍ୟା ୭ଲକ୍ଷ ୫୪ହଜାର ୯୪୬ । ଏହାସହିତ ରାଜ୍ୟରେ ମହିଳା ଓ ପୁରୁଷ ଭୋଟରଙ୍କ ମଧ୍ୟରେ ଲିଙ୍ଗଗତ ଅନୁପାତରେ ମଧ୍ୟ ଆଖିଦୃଶିଆ ବୃଦ୍ଧି ହୋଇଛି । ପ୍ରତି ଏକ ହଜାର ପୁରୁଷ ଭୋଟରଙ୍କ ମଧ୍ୟରେ ୯୭୨ଜଣ ମହିଳା ଭୋଟର ଅଛନ୍ତି । ଯାହାକି ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଚୂଡାନ୍ତ ଭୋଟର ତାଲିକାରେ ପ୍ରତି ଏକହଜାର ପୁରୁଷରେ ୯୪୬ ଥିଲା ।




With Best Compliments
A
Well
Wishre

# ୭ରେ 'କାଦମ୍ବିନୀ ସାହିତ୍ୟ ମହୋତ୍ସବ' ଓ 'କାଦମ୍ବିନୀ ପତ୍ରିକା ହାଟ'

ଭୁବନେଶ୍ୱର,(ପି.ଏନ): କାଦମ୍ବିନୀ ସାହିତ୍ୟ ଏକାଡ ?ମୀ ପକ୍ଷରୁ ବାର୍ଷିକ ସାହିତ୍ୟ ମହାକୁମ୍ଭ 'କାଦମ୍ବିନୀ ସାହିତ୍ୟ ମହୋତ୍ସବ' ଓ 'କାଦମ୍ବିନୀ ପତ୍ରିକା ହାଟ' ଜାନୁଆରୀ ୭ ତାରିଖରେ ଅନୁଷ୍ଠିତ ହେବ। କିଟ୍ ? ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବାକୁ ଥିବା ଏହି ନିଆରା ସାହିତ୍ୟ ମହୋତ୍ସବରେ ମର୍ଯ୍ୟାଦାଜନକ 'ନୀଳିମାରାଣୀ ସାହିତ୍ୟ ସମ୍ମାନ', 'କାଦମ୍ବିନୀ ସାହିତ୍ୟ ସମ୍ମାନ' ସମେତ ଅନ୍ୟାନ୍ୟ ସମ୍ମାନ ପ୍ରଦାନ କରାଯିବ। ବିଶିଷ୍ଟ ଲେଖିକା ମୃଦୁଳା ଗର୍ଗଙ୍କୁ 'ନୀଳିମାରାଣୀ ସାହିତ୍ୟ ସମ୍ମାନ-୨୦୨୪' ପ୍ରଦାନ କରାଯିବ। ସେହିଭଳି ବିଶିଷ୍ଟ କଥାକାର, ପ୍ରାବନ୍ଧିକ ଓ ସ୍ତମ୍ଭକାର ତଥା ବରିଷ୍ଠ ପ୍ରଶାସକ ବିଜୟ ନାୟକଙ୍କୁ 'କାଦମ୍ବିନୀ ସାହିତ୍ୟ ସମ୍ମାନ-୨୦୨୪', 'ସୁଲେଖା'ର ସମ୍ପାଦକ ସଦାଶିବ ମିଶ୍ର ଏବଂ 'ଗୋଧୂଳି'ର ସମ୍ପାଦିକା ବିମଳା ସିଂହଙ୍କୁ 'କାଦମ୍ବିନୀ ସମ୍ପାଦକ ସମ୍ମାନ-୨୦୨୪' ପ୍ରଦାନ କରାଯିବା ସହ ବରିଷ୍ଠ ସାହିତ୍ୟିକ ବୈଷ୍ଣବ ଚରଣ ସାମଲ, ରାଧାବିନୋଦ ନାୟକ, ତୁଳସୀ ଓଝା, ସୁକାମିନୀ ନନ୍ଦ ଓ ନାରାୟଣ ସାହୁଙ୍କୁ 'କାଦମ୍ବିନୀ ସାହିତ୍ୟ ସମ୍ବର୍ଦ୍ଧନା-୨୦୨୪'ରେ ସମ୍ବର୍ଦ୍ଧିତ କରାଯିବ। ପ୍ରଖ୍ୟାତ କଥାକାର ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ଏଥିରେ ସଭାପତିତ୍ୱ କରିବେ।'କାଦମ୍ବିନୀ ସାହିତ୍ୟ ମହୋତ୍ସବ'ର ଉଦ୍ ?ଘାଟନୀ ଅଧିବେଶନରେ ବିଶିଷ୍ଟ ଭାରତୀୟ ଲେଖିକା ଅନୀତା ଅଗ୍ନିହୋତ୍ରୀ, ବିଶିଷ୍ଟ ଭାରତୀୟ କବି ଓ ସମ୍ପାଦକ ସୁବୋଧ ସରକାର, ବିଶିଷ୍ଟ ହିନ୍ଦୀ ଚଳଚ୍ଚିତ୍ର ପ୍ରଯୋଜକ ଓ ନିର୍ଦ୍ଦେଶକ ସନ୍ଦୀପ ସିଂହ ଏବଂ ଲୋକପ୍ରିୟ ଅଭିନେତା ଅଭୟ ବର୍ମା। ପ୍ରମୁଖ ଅତିଥି ଭାବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।ଏହି ଅବସରରେ ଅନୁଷ୍ଠିତ ହେବାକୁ ଥିବା ଯୁବ ସାହିତ୍ୟ ସମ୍ମିଳନୀରେ ଅଜୟ ସ୍ୱାଇଁ, ମିହିର କୁମାର ସାହୁ, ଚିରଶ୍ରୀ ଇନ୍ଦ୍ରସିଂ ଓ ପଞ୍ଚାନନ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେବେ। ଏଥିରେ ସଭା ସଂଚାଳନ କରିବେ ବିଭାବତୀ ଦାଶ ଓ କୈଳାସ ବେହେରା। ଆଲୋଚକ ଭାବରେ ଯୋଗଦେବେ ଯୁବ ଗାଳ୍ପିକ ଡିଲେଶ୍ୱର ରଣା, ସୌମ୍ୟା ମହାପାତ୍ର ଓ ସଂଜୟ ପଣ୍ଡା ଏବଂ ଯୁବକବି ଆଶିଷ କୁମାର ମିଶ୍ର, ସ୍ୱାଗତିକା ନାୟକ ଓ ଶୁଭଦ୍ରା ପ୍ରିୟଦର୍ଶିନୀ ନାୟକ। ଏହି ଅବସରରେ ପ୍ରଜ୍ଞା ପାରମିତା ରଥ, ମିଯୋଗ ରଞ୍ଜନ ପାତ୍ର, ବେଦପ୍ରକାଶ ନାୟକ, ନିଖିଳେଶ ମିଶ୍ର, ଅବକାଶ ପ୍ରଧାନ, ସଂଘମିତ୍ରା ଭୂତିଆ ଓ ଆଶିଷ କୁମାର ମିଶ୍ରଙ୍କୁ କାଦମ୍ବିନୀ ନବଉନ୍ମେଷ ପୁରସ୍କାର ପ୍ରଦାନ କରାଯିବ। ଏହି ଅବସରରେ ଅନୁଷ୍ଠିତ ହେବାକୁ ଥିବା 'କବି ଓ କବିତା' କାର୍ଯ୍ୟକ୍ରମରେ ଅତିଥି ଭାବରେ ଯୋଗଦେବେ କବି ସୁବୋଧ ସରକାର, କବି ପ୍ରବାସିନୀ ମହାକୁଡ ଓ କବି ଅପର୍ଣ୍ଣା ମହାନ୍ତି। ଏଥିରେ ନିମନ୍ତ୍ରିତ କବିମାନେ କବିତା ପାଠ କରିବେ। ଦ୍ୱିତୀୟାର୍ଦ୍ଧରେ ଅନୁଷ୍ଠିତ ହେବାକୁ ଥିବା ଶିଶୁ ସାହିତ୍ୟ ସମ୍ମିଳନୀ ଓ କୁନାକୁନି ମେଳାରେ ବିଶିଷ୍ଟ ଚଳଚ୍ଚିତ୍ର ବ୍ୟକ୍ତିତ୍ୱ ବିନୋଦ ଗନତ୍ରା ଏବଂ ବାବା ରାମନାରାୟଣ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଯୁଗଳ କିଶୋର ଷଡଙ୍ଗୀ, ଜ୍ୟୋତିର୍ମୟୀ ମହାନ୍ତି, ମାନସରଞ୍ଜନ ସାମଲ ଓ ଶରତ କୁମାର ନାୟକଙ୍କୁ କୁନିକଥା ପ୍ରିୟଲେଖକ ସମ୍ମାନ ସମେତ କୁନିକଥା କୁନିପ୍ରତିଭା ପୁରସ୍କାର ପ୍ରଦାନ କରାଯିବ। ଏହି ଏକଦିବସୀୟ ସାହିତ୍ୟ ମହାକୁମ୍ଭରେ ଭାଷା, କଳା, ସଂସ୍କୃତି ଓ ସାହିତ୍ୟପ୍ରେମୀ ଜନସାଧାରଣ ଯୋଗଦେବା ପାଇଁ 'କାଦମ୍ବିନୀ'ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଓ ସମ୍ପାଦିକା ଡ. ଇତି ସାମନ୍ତ ଅନୁରୋଧ କରିଛନ୍ତି।

**ଘୋଷଣା**

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୪ ଓ ୫ ତାରିଖ ସଂସ୍କରଣ ପ୍ରକାଶିତ ହୋଇନଥିବାରୁ ଆମେ ଦୁଃଖିତ।

-ପ୍ରକାଶକ

# କିଟ୍‌ରେ ୪୦ତମ ସର୍ବଭାରତୀୟ ରୋଜ କନଭେସନ୍ ଓ ଗୋଲାପ ପ୍ରଦର୍ଶନୀ ଉଦ୍‌ଘାଟିତ




ଭୁବନେଶ୍ୱର, ୫।୧(ପି.ଏନ): ୪୦ତମ ସର୍ବଭାରତୀୟ ରୋଜ୍ କନଭେସନ୍ ଓ ଗୋଲାପ ପ୍ରଦର୍ଶନୀ ଶୁକ୍ରବାର କିଟ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୋଲାପ ହେଉଛି ସୁନ୍ଦର ଓ ଭଲ ପାଇବାର ପ୍ରତୀକ ବୋଲି କହିଥିଲେ। ଭଗବାନଙ୍କ ଦ୍ୱାରା ସୃଷ୍ଟ କିଟ୍ ଓ କିସ୍‌କୁ ମର୍ତ୍ତ୍ୟର ନନ୍ଦନକାନନ କହିଲେ ଅତ୍ୟୁକ୍ତି ହେବ ନାହିଁ। ସମ୍ମାନୀୟ ଅତିଥି ଭାବେ କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳ ଯୋଗ ଦେଇ କହିଲେ, କିଟ୍‌ରେ ବର୍ଷ ଆରମ୍ଭରୁ ରୋଜ କନ୍‌ଭେନ୍‌ସନ୍ ଓ ଗୋଲାପ ପ୍ରଦର୍ଶନୀ ଆୟୋଜିତ ହେବା ଆନନ୍ଦର ବିଷୟ। ଫୁଲ ସମସ୍ତଙ୍କ ମନ ମୋହିଥାଏ। ମନରେ ଦୁଃଖ ଆସିଲେ ଫୁଲ ବଗିଚାରେ ବୁଲି ଆସିଲେ ଶାନ୍ତି ମିଳିଥାଏ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଆୟୋଜନ କମିଟିର କାର୍ଯ୍ୟକାରୀ ସଭାପତି ଡ. ସୁଦର୍ଶନ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଭାରତୀୟ ରୋଜ ଫେଡେରେସନ୍‌ର ସଭାପତି ସଂଯୋଗିତା ଧନୱାତେ, ଉପସଭାପତି ଡ. ଏନ୍ କେ ଡଡ୍‌ଲାନି, ଆୟୋଜନ କମିଟି ସମ୍ପାଦକ ହେମନ୍ତ କୁମାର ପଲ, ଉପସଭାପତି ବି ଏନ୍ ମହାନ୍ତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ରୋଜ୍ କନଭେସନ୍ ଓ ଗୋଲାପ ପ୍ରଦର୍ଶନୀରେ ଓଡ଼ିଶାରୁ ନାଲ୍‌କୋ, ଟାଟା, ପାୱାରଗ୍ରିଡ୍, ଜିନ୍ଦଲ, ଆଦାନୀ, ରିଲାଏନ୍‌ସ ଆଦି କର୍ପୋରେଟ ହାଉସ୍ ସମେତ ସମଗ୍ର ଦେଶରୁ କୃଷି ବୈଜ୍ଞାନିକ, ନର୍ସରୀମ୍ୟାନ, କୃଷକ ଏବଂ ଉଦ୍ୟୋଗୀ ଆଦି ୨୫୦ ପ୍ରତିନିଧି ଦେଇଥିବା ବେଳେ ୧୫ଶହରୁ ଊର୍ଦ୍ଧ୍ୱ ପ୍ରଜାତିର ଗୋଲାପ ପ୍ରଦର୍ଶନ ପାଇଁ ସଜାଯାଇଛି। ଏହି ଅବସରରେ ଲର୍ଡ ଜଗନ୍ନାଥ, ଲର୍ଡ ଲିଙ୍ଗରାଜ, ଶେଫାଳୀ ଓ ରାଧା ନାମରେ ନାମିତ ୪ଟି ନୂତନ ପ୍ରଜାତିର ଗୋଲାପକୁ ମୁଖ୍ୟ ଅତିଥି ଶ୍ରୀ ସାମନ୍ତ ଲୋକାର୍ପଣ କରିଥିଲେ। ଦୀର୍ଘ ୧୮ ବର୍ଷ ପରେ ଦ୍ୱିତୀୟ ଥର ପାଇଁ ଓଡ଼ିଶାରେ ଏଭଳି ମେଗା ରୋଜ୍ କନଭେସନ୍ ଓ ଗୋଲାପ ପ୍ରଦର୍ଶନୀ ଆୟୋଜିତ ହୋଇଥିବା ବେଳେ ୭ ତାରିଖ ପର୍ଯ୍ୟନ୍ତ ଚାଲିବ। କିଟ୍ ଗୋଲାପ ସୋସାଇଟି, ଓଡ଼ିଶା ଗୋଲାପ ସୋସାଇଟି, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଓଡ଼ିଶା ଉଦ୍ୟାନ କୃଷି ସୋସାଇଟି ଏବଂ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ମିଳିତ ସହଯୋଗରେ କିଟ୍ ବିଶ୍ୱବିଦ୍ୟାଳୟରେ ପ୍ରଥମ ଥର ପାଇଁ ଏଭଳି ସମ୍ମିଳନୀ ଓ ମେଗା ସର୍ବଭାରତୀୟ ପୁଷ୍ପ ପ୍ରଦର୍ଶନୀ ଆୟୋଜିତ ହୋଇଛି। ଜାନୁଆରୀ ୬ ଓ ୭ ତାରିଖ ସକାଳ ୯ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସାଧାରଣ ଲୋକଙ୍କ ପାଇଁ 'ଗୋଲାପ ପ୍ରଦର୍ଶନୀ' ଖୋଲା ରହିବ। କାର୍ଯ୍ୟକ୍ରମରେ ସ୍ମରଣିକା ରୋଜ ସୋଭେନିର ଓ ଓଡ଼ିଶା ଉଦ୍ୟାନ କୃଷି ସୋସାଇଟିର ସାଇଣ୍ଟିଫିକ୍ ଜର୍ଣ୍ଣାଲ ରୋଜ ଆନୁଆଲ୍ ଉନ୍ମୋଚିତ ହୋଇଥିଲା।

# ଅଣସଂଗଠିତ ଶ୍ରମିକ କର୍ମଚାରୀ କଂଗ୍ରେସ କାର୍ଯ୍ୟକାରିଣୀ ବୈଠକରେ ୫୦ ରୁ ଊର୍ଦ୍ଧ୍ୱ କର୍ମୀ କଂଗ୍ରେସରେ ଯୋଗଦେଲେ



ଭୁବନେଶ୍ୱର,୫।୧(ପି.ଏନ):ଓଡ଼ିଶା ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ଠାରେ ରାଜ୍ୟ ଅଣସଂଗଠିତ ଶ୍ରମିକ ଓ କର୍ମଚାରୀ କଂଗ୍ରେସ (କେ.କେ.ସି)ର କାର୍ଯ୍ୟକାରୀ କମିଟି ବୈଠକ ରାଜ୍ୟ ଅଧ୍ୟକ୍ଷ ବିଦ୍ୟାଧର ମହାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପିସିସି ସଭାପତି ଶ୍ରୀ ଶରତ ପଟ୍ଟନାୟକ ଯୋଗଦେଇ ଦେଶ ଓ ରାଜ୍ୟ ଏକ ସଂକଟମୟ ପରିସ୍ଥିତିରେ ଗତି କରୁଥିବା ବେଳେ ଅଖିଳ ଭାରତ କଂଗ୍ରେସ କମିଟି ପୂର୍ବତନ ସଭାପତି ଶ୍ରୀଯୁକ୍ତ ରାହୁଲ ଗାନ୍ଧୀଙ୍କ ପଦଯାତ୍ରା ସାଧାରଣ ଶ୍ରମିକ, କର୍ମଚାରୀ, ବେକାରୀ ଯୁବକ ଯୁବତୀମାନଙ୍କ ପାଇଁ ଏକ ଆହ୍ୱାନ ହେବ ବୋଲି ଶ୍ରୀ ପଟ୍ଟନାୟକ ନୂତନ ଭାବେ ୫୦ ରୁ ଊର୍ଦ୍ଧ୍ୱ ବ୍ୟକ୍ତି ମହିଳା, ଯୁବକ କଂଗ୍ରେସରେ ଯୋଗଦେଇ ଥିବାରୁ ସେମାନଙ୍କୁ ସମ୍ବର୍ଦ୍ଧନା କରିଥିଲେ। ବିଶେଷ କରି ମୟୁରଭଞ୍ଜ ଜିଲ୍ଲାରୁ ୧୫ ଜଣ ଓ ଭଦ୍ରକ, ଯାଜପୁରରୁ କଂଗ୍ରେସରେ ଯୋଗଦେବା କର୍ମୀମାନଙ୍କୁ କେ.କେ.ସିରେ କାର୍ଯ୍ୟକରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ପ୍ରଥମେ ବିକାଶ କୁମାର ଦାସ ସାମୁହିକ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ଉପସଭାପତି ଶ୍ରୀ ଶୁଭେନ୍ଦୁ କୁମାର ମହାଁ, କଂଗ୍ରେସ ପ୍ରବକ୍ତା ମନୋରଞ୍ଜନ ଦାଶ, ସୁରେଶ ଚନ୍ଦ୍ର ମହାପାତ୍ର, ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିଲେ। ମୟୁରଭଞ୍ଜ ଜିଲ୍ଲାରୁ ମନୋରଞ୍ଜନ ଜେନାଙ୍କ ନେତୃତ୍ୱରେ ଜ୍ୟୋତିର୍ମୟୀ ଜେନା, ସ୍ମୃତିରେଖା ଜେନା, ଦିନେଶ କୁମାର ବ୍ରଜ, ଦେବବ୍ରତ ପ୍ରଧାନ, କରୁଣାକର ଦାସ, ବେଣୁଧର ଜେନା, ଅଭିଶେକ ଦଳାଇ, ଚନ୍ଦ୍ରକାଂ ଜେନା, ବିବେକ ଜେନା, ସ୍ମୃତି ଜେନା, ଦୀପକ କୁମାର ଦାସ, ସ୍ମୃତି ଜେନା, ଅଜୟ ବେହେରା, ସୁଦୀପ କୁମାର ଗିରି ପ୍ରମୁଖ କଂଗ୍ରେସ ଦଳର ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ ତଥା ପିସିସି ସଭାପତି ଶ୍ରୀ ଶରତ ପଟ୍ଟାନୟକଙ୍କ କାର୍ଯ୍ୟଧାରାରେ ପ୍ରଭାବିତ ହୋଇ କଂଗ୍ରେସ ଦଳରେ ସାମିଲ ହୋଇଛଁ । ଏହି ବୈଠକରେ ଓଡ଼ିଶା ଅଣସଂଗଠିତ ଶ୍ରମିକ କର୍ମଚାରୀ କଂଗ୍ରେସର ସମସ୍ତ ଜିଲ୍ଲା ଅଧ୍ୟକ୍ଷମାନେ ଉପସ୍ଥିତ ଥିଲେ।










# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟ ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ଐସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ୍ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଇଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଇଁଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଇଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଇଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

## ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୂତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିଧାତା । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା, ବାୟୁରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୁଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉଡାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତ୍ତୁଳ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୁମଧାମରେ ପାଳନ କରାଯାଏ ।

# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜେଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା'ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଭଳି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ

ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ "ଦି ଇଣ୍ଟରଭ୍ୟୁ ଟାଇମ୍ସ" ପରିବାର ତରଫରୁ ସମ୍ମାନଜନକ "ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି" ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସ୍ୱତନ୍ତ୍ର ସଂଖ୍ୟା "ଭିଜନ୍ ଅଫ୍ ଓଡ଼ିଶା-୨୦୧୯" ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପ୍ୟୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୂଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ


ମେଷ
ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।


ବୃଷ
ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।


ମିଥୁନ
ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।


କର୍କଟ
ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।


ସିଂହ
ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।


କନ୍ୟା
ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।


ତୁଳା
ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।


ବିଛା
ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।


ଧନୁ
ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।


ମକର
କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।


କୁମ୍ଭ
ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।


ମୀନ
ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଲିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ବିନା ମାଟିରେ ଚାଷ


ପ୍ରସ୍ତୁତି- **ଡ଼ି ଶୁଭମ୍**
ସଂଯୋଜକ, କୃଷି ଦୁନିଆ

ଜନସଂସ୍କୃତି ଆଉ କୃଷି ପରସ୍ପରର ପରିପୂରକ। କୃଷି ଆଉ କୃଷକର ସାଥ ବିନା ଖାଦ୍ୟ ସାରା ଦୁନିଆ ପାଇଁ ଏକ ସ୍ୱପ୍ନ ପ୍ରାୟ। ମଣିଷ ଯଦି କାଲି ବଂଚିବା ପାଇଁ କିଛି ନୂଆ ସମ୍ଭାବନା ଦେଖେ ତାହେଲେ କୃଷି ବିନା ଏସବୁ ଦୁଃସ୍ୱପ୍ନ। ଦିନ ଥିଲା ଏ ସମାଜ ସବୁଜିମାର ବଳୟ ଭିତରେ ଆବଦ୍ଧ ହୋଇ ଥିଲା। ପରିବେଶ ସବୁଜର ଆବରଣରେ ବେଶ ଖୁସି ହୋଇ ହସୁଥିଲା। କୃଷିକୁ କଷ୍ଟ ନୁହେଁ ବରଂ ଏକ କର୍ମସିକ୍ତ ଭାବନାରେ ପ୍ରତିପାଦିତ କରାଯାଉଥିଲା। ଚାଷ ଜମି ଥିଲା ଚାଷୀର ସବୁକିଛି। ସଭ୍ୟତା ଓ ସଂସ୍କୃତିର ମାନଦଣ୍ଡ। ଦେଶ ଅର୍ଥନୀତିର ମାପକାଠି ରୂପେ କୃଷିକୁ ହିଁ ବିବେଚନା କରାଯାଉଥିଲା। କିନ୍ତୁ ସମୟ ଆସିଛି କୃଷି ପାଇଁ ଆଉ ସେପରି ମନରେ ଶ୍ରଦ୍ଧା ନାହିଁ। ଚାକିରୀର ନିଶାରେ ଏବେ ସମସ୍ତେ ମତୁଆଲା। କାଦୁଅ ବିଲରେ ଗୋଡ଼ ପଶେଇବାକୁ ଆଉ କେହି ବି ଇଚ୍ଛା କରୁନାହାନ୍ତି। ଟଙ୍କା ସର୍ବସ୍ୱ ଏ ଦୁନିଆରେ ସଭିଏଁ ନିଜ କର୍ମରେ ବ୍ୟସ୍ତ। ସେଇଥିପାଇଁ ତ ଆଜି ଚାଷ ଜମି ସବୁ ପଡ଼ିଆ ହୋଇ ପଡୁଛି , ସବୁଜିମା ନାହିଁ ବରଂ କଳକାରଖାନାର ଦୂଷିତ ଆବରଣରେ ବନ୍ଧା ହୋଇପଡ଼ିଛି। ପରିବେଶ ସନ୍ତୁଳନ ଠିକ ଭାବେ ରହୁନାହିଁ। ଆଉ ଯେତିକି ବି ଚାଷ ଜମି ରହିଲା ସେସବୁ ରାସାୟନିକ ବିଷ ସାରରେ ଭରପୂର। ପରୋକ୍ଷରେ ସବୁଜ ବିଷକୁ ଗ୍ରହଣ କରୁଛନ୍ତି ମାନବ ସମାଜ। ଆଜିର ଯୁବଗୋଷ୍ଠୀ ଚାଷ ପାଇଁ ବିମୁଖ। କ୍ଷେତକାମ ପାଇଁ ଆଉ ଆଗପରି ଆଗ୍ରହ ସୃଷ୍ଟି ହେଉନାହିଁ। କିନ୍ତୁ ଆଜି ବି ଚାଷ ଜମିରେ ନୂଆ ପଦ୍ଧତିରେ ଚାଷ କରି ଲକ୍ଷଲକ୍ଷ ଟଙ୍କା କମେଇହେଉଛି। କେବଳ ଟଙ୍କା ନୁହେଁ ବରଂ ପରିବେଶ ସୁସ୍ଥ ରହିବା ସହ ମନ ବି ପ୍ରଫୁଲ୍ଲ ରହେ। ସେମିତି ଆଜି ହାଇଡ୍ରୋପନିକ୍ସ ଏବେ ଆତ୍ମନିର୍ଭରଶୀଳତାର ନୂଆ ଏକ ଅଧ୍ୟାୟ।

*ତଥ୍ୟ ସହାୟତା-ବିଶ୍ୱଜିତ ମଲ୍ଲିକ*



## ହାଇଡ୍ରୋପନିକ୍ସ କ'ଣ ?

ସାଧାରଣତଃ ଆମେ ଜାଣୁ କି ଗଛ ମାଟି ଭିତରେ ହିଁ ବଢ଼ିଥାଏ। ମାଟିର ଥିବା ଖଣିଜଲବଣ ଓ ପୋଷକତତ୍ତ୍ୱକୁ ନେଇ ଗଛ ବଂଶବିସ୍ତାର କରେ। କିନ୍ତୁ ଯଦି ଜଣକୁ କୁହାଯାଏ ଯେ ବିନା ମାଟିରେ ବି ଗଛ ବଢ଼ିପାରିବ , ତେବେ ଏହା ହୁଏତ ନୂଆ ଲାଗୁଥାଇପାରେ। କିନ୍ତୁ ଆଜିର ବିଜ୍ଞାନ ଯୁଗରେ



କୃଷିବିଜ୍ଞାନରେ ଏହା କିଛି ଅସମ୍ଭବ ନୁହେଁ। ବିନା ମାଟିରେ ଗଛ ବଢ଼ିପାରିବାର କୌଶଳକୁ ହାଇଡ୍ରୋଫନିକ୍ସ କୁହାଯାଏ। ମାଟିର ଅନୁପସ୍ଥିତିରେ ଜଳକୁ ମାଧ୍ୟମ କରି ପାଣି ଭିତରେ ପୋଷକତତ୍ତ୍ୱର ଉପାଦାନକୁ ସଂଗୃହୀତ କରି ଗଛକୁ ବଢ଼ାଯାଇପାରେ। ପାଣି ଭିତରେ ଗଛର ଚେର ଖୁବ ସହଜରେ ବଢ଼ିପାରେ। କାରଣ ଗଛ ଆବଶ୍ୟକ କରୁଥିବା ଉପାଦାନ ସବୁ ଏହି ପୋଷକଯୁକ୍ତ ପାଣିରେ ଥାଏ। ମୋଟ ଉପରେ କହିବାକୁ ଗଲେ ମୃତ୍ତିକାର ବିନା ସାହାଯ୍ୟରେ ପାଣିରେ ସମସ୍ତ ଆବଶ୍ୟକୀୟ ପୋଷକ ପଦାର୍ଥ ମିଶାଇ ଯେ କୌଣସି ଗଛ ବଢାଇବାକୁ ହାଇଡ୍ରୋପୋନିକ୍ସ କୁହାଯାଏ। ଏହି ପଦ୍ଧତିକୁ ଆମେ କୃଷିକ୍ଷେତ୍ରରେ ଉପଯୋଗ କରି ଫସଲ ଅମଳ କରିପାରିବା। ସାଧାରଣତଃ ଗଛ ବଢିବା ପାଇଁ ବିଭିନ୍ନ ପୋଷକ ପଦାର୍ଥ ମାଟିରୁ ଗ୍ରହଣ କରିଥାଏ ଠିକ୍ ସେହିପରି ହାଇଡ୍ରୋପୋନିକ୍ସ ରେ ଗଛ ପାଣିରୁ ସମସ୍ତ ଆବଶ୍ୟକୀୟ ଖାଦ୍ୟ ଗ୍ରହଣ କରିଥାଏ। ଗଛର ସମ୍ପୂର୍ଣ୍ଣ ଜୀବନକାଳ କେବଳ ପାଣିରେ ହିଁ ରହିଥାଏ। ବିଭିନ୍ନ ପ୍ରକାର ପନିପରିବା ଯଥା - ଟମାଟୋ , ପାଳଙ୍ଗ, କାକୁଡ଼ି ପ୍ରଭୃତି ସହଜରେ ଉତ୍ପାଦନ କରାଯାଇପାରେ।ଏହା ଏକ ସରଳ ପ୍ରକ୍ରିୟା ଅଟେ। ମଂଜି କିମ୍ବା ଚାରା ଗୁଡିକୁ ଏକ ପାତ୍ରରେ ରଖାଯାଇ ଏଥିରେ ତୁଳା, କାଠଗୁଣ୍ଡ, ନଡିଆ କତା, ଭରମିକୁଲାଇଟ୍ କିମ୍ବା ପରଲାଇଟ୍ ଭଳି ଯେ କୌଣସି ପଦାର୍ଥ ରଖାଯାଇଥାଏ ଯାହାକି ଗଛ ଗୁଡିକୁ ସିଧା ରଖିବାରେ ସାହାଯ୍ୟ କରିଥାଏ। ଏହି ପାତ୍ରକୁ ପୋଷକ ପଦାର୍ଥ ମିଶିଥିବା ପାଣି ରେ ରଖାଯାଏ। ଚାରା ବଡହେବା ସହ ଚେର ଗୁଡିକ ପାଣିରେ ବୁଡି ରହିଥାଏ। ଗଛର ଚେର ସେଥିମଧ୍ୟରୁ ପୋଷକ ପଦାର୍ଥ ଗ୍ରହଣ କରିଥାଏ ଏବଂ ଗଛକୁ ବଢିବାରେ ସାହାଯ୍ୟ କରିଥାଏ। ସମସ୍ତ ଗଛ ର ଚେର ଗୁଡିକୁ ସଠିକ ମାତ୍ରାରେ ଖାଦ୍ୟ ମିଳିବା ନିମନ୍ତେ ଜଳକୁ ଚକ୍ରୀୟ ପ୍ରକ୍ରିୟାରେ ଅନବରତ ପ୍ରବାହିତ କରାଯାଇଥାଏ। ଯାହା ଦ୍ୱାରା ଚେର ଉପଯୁକ୍ତ ଅମ୍ଳଜାନ ଏବଂ ଖାଦ୍ୟସାର ପାଇଥାଏ। ଏହି ଉପାୟରେ କୈଣସି ପ୍ରତିବନ୍ଧକ ନ ଥିବାରୁ ଗଛଗୁଡିକ ମାଟି ଅପେକ୍ଷା ଖୁବ ଭଲ ଏବଂ ଶୀଘ୍ର ବଢିଥାନ୍ତି। ଉପଯୁକ୍ତ ପରିବେଶ ରେ ବର୍ଷର ସବୁ ସମୟରେ ଫସଲ ଉତ୍ପାଦନ ସମ୍ଭବ ହୋଇଥାଏ। ହାଇଡ୍ରୋପୋନିକ୍ସ ଦ୍ୱାରା ଶୀତଦିନିଆ ପନିପରିବା ବର୍ଷର ଯେ କୌଣସି ସମୟରେ ଚାଷ



କରାଯାଇଥାଏ। ମୁଖ୍ୟତଃ କୌଣସି ରସାୟନିକ ସାର କିମ୍ବା ଔଷଧର ବ୍ୟବହାର ହେଉନଥିବାରୁ ଏହା ସମ୍ପୂର୍ଣ୍ଣ ରୁପେ ଜୈବିକ ହୋଇଥାଏ। ହାଇଡ୍ରୋପୋନିକ୍ସ ଉପାୟରେ ମୃତ୍ତିକାର ଆବଶ୍ୟକତା ନଥିବାରୁ ଖୁବ୍ କମ ସ୍ଥାନରେ ଉପରକୁ ଉପର ଲମ୍ବ ଭାବେ ସୋପାନ କରି ଚାଷ କରାଯାଇପାରିବ। ଏହା ଦ୍ୱାରା କମ ସ୍ଥାନରୁ ଅଧିକ ଅମଳ ମିଳିପାରିବ। ସାଧାରଣ ଲୋକଟିଏ ମଧ୍ୟ ନିଜ ଘରେ କିମ୍ବା ଛାତ ଉପରେ ଚାଷକରି ପରିବାରର ଅବଶ୍ୟକତା ପୂରଣ କରିପାରିବ।

ସାଧାରଣତଃ ହାଇଡ୍ରୋପନିକ୍ସ ରିଜର୍ଭୟାର ଗୁଡ଼ିକ ପ୍ଲାଷ୍ଟିକରେ ତିଆରି ହୋଇଥାଏ କିନ୍ତୁ ଏହା ବ୍ୟତୀତ ଅନ୍ୟ ଉପାଦାନରେ ମଧ୍ୟ ଏହା ଗଠିତ ହୋଇଥାଏ। ଯଥା - କଂକ୍ରିଟ , କାଚ , କାଠ ଇତ୍ୟାଦି.. ହାଇଡ୍ରୋପନିକ୍ସରେ ୯୫ଶତକଡ଼ାରୁ କମ ପାଣି ବ୍ୟବହାର କରାଯାଇଥାଏ। ହାଇଡ୍ରୋପନିକ୍ସରେ ଗଛଟିଏ ଉପଯୁକ୍ତ ପୋଷକତତ୍ତ୍ୱ ପାଇ ବଂଶବିସ୍ତାର କରିଥାଏ। ଛୋଟ ଚେରଥିବା ଗଛ ଖୁବ ଶୀଘ୍ର ବଢ଼ିପାରିଥାଏ। ଏହା ପରିବେଶ ପ୍ରଦୂଷଣକୁ ରୋକିବା ସହ ଏକ ସୁସ୍ଥ ଆଉ ସୁନ୍ଦର ପରିବେଶ ସୃଷ୍ଟି କରିଥାଏ।

**କ'ଣ ପାଇଁ ହାଇଡ୍ରୋପନିକ୍ସ**

- ମୁଖ୍ୟ ଉପକାରିତା ମଧ୍ୟରେ ହାଇଡ୍ରୋପୋନିକ୍ସ ଦ୍ୱାରା ବର୍ଷର ଯେ କୌଣସି ସମୟରେ ମଧ ଫସଲ ଚାଷ ଏବଂ ଅମଳ କରାଯାଇ ଖାଦ୍ୟ ସମସ୍ୟାକୁ ଦୂର କରାଯାଇପାରିବ।
- ଏହି ଉପାୟରେ ୯୦ ପ୍ରତିଶତ ଜଳ ସଂରକ୍ଷଣ କରାଯାଇପାରିବ।
- ସ୍ୱଳ୍ପ ସ୍ଥାନ ଏବଂ ଖୁବ କମସମୟରେ ଅଧିକ ଫସଲ ଅମଳ କରାଯାଇପାରିବ।
- ଏହା ଦ୍ୱାରା ଜୈବିକ ଫସଲ ଉତ୍ପାଦନ କରାଯାଇପାରିବ।
- ପରିବାର ର ପାକଶାଳା ପାଇଁ ଏହା ଏକ ବରଦାନ ସଦୃଶ ଯାହାକି ସମସ୍ତ ପନିପରିବାର ଚାହିଦା ପୁରଣ କରିପାରିବ।
- ହାଇଡ୍ରୋପୋନିକ୍ସରେ ବ୍ୟବହୃତ ପୋଷକ ପଦାର୍ଥ ର ମୂଲ୍ୟ ଜମିରେ ବ୍ୟବହୃତ କୀଟନାଶକ ଏବଂ ସାର ଅପେକ୍ଷା ବହୁତ କମ।
- କୌଣସି ଅନାବନା ଘାସ ଉଠୁନଥିବା ହେତୁ ଫସଲ ଭଲ ବଢିଥାଏ।
- ମୂଲ୍ୟବାନ ବୃକ୍ଷ ଫୁଲ ମଧ ଚାଷକରାଯାଇ ପାରିବ।

**ଅପକାରିତା**

- ଏଥିପାଇଁ ପ୍ରଥମତଃ ଏହାର ପରିଚାଳନା ନିମନ୍ତେ ପ୍ରଶିକ୍ଷିତ ବ୍ୟକ୍ତି ଆବଶ୍ୟକ।
- ଗଛ ଗୁଡିକର ଚେର ସମ୍ପୁର୍ଣ୍ଣ ରୁପେ ପାଣିରେ ବୁଡିରହୁଥିବା ହେତୁ ରୋଗ ସଂକ୍ରମଣର ଆଶଙ୍କା ଅଧିକ ଥାଏ।
- ଚେର ପାଣିରେ ଭାସୁଥିବା ହେତୁ ଫଳ ଧରିବା ସମୟରେ ଗଛ ଗୁଡିକ ଭାଙ୍ଗିଯିବାର ଆଶଙ୍କା ରହିଥାଏ।
- ଜଳରେ ଲବଣ ଅଂଶ ରହିଲେ ଗଛ ବୃଦ୍ଧିରେ ଅସୁବିଧା ହୋଇଥାଏ।
- ଏହା ଲାଭଦାୟୀ ପଦ୍ଧତି ହେଲେମଧ ପ୍ରଥମିକ ଖର୍ଚ୍ଚ ବହୁତ ଅଧିକ ହୋଇଥାଏ।
- ସାଧାରଣତଃ ଲୋକମାନେ ସ୍ୱଳ୍ପ ଆୟ ହାଇଥିବାରୁ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି।

# ଚାଷ ଓ ଚାଷୀର କଥା...



ଆମ ଓଡ଼ିଶା ଗୋଟିଏ କୃଷି ପ୍ରଧାନ ରାଜ୍ୟ । ଏହାର ଅଧିକାଂଶ କୃଷି ଭୂମି ଗାଁ ଗହଳରେ ଅବସ୍ଥିତ । ଏହାର ଅଧିକାଂଶ କୃଷିଜିବି, ସେମାନେ କୃଷିକାର୍ଯ୍ୟ ଓ ମୂଲମଜୁରୀ ଲାଗି ସେମାନଙ୍କର ପରିବାର ପ୍ରତିପୋଷଣ କରନ୍ତି । ଓଡ଼ିଶାରେ ଅଧିକାଂଶ କୃଷକ ମାନଙ୍କର ନିଜର ଚାଷଜମି ନଥାଏ । ଏଣୁ ସେମାନେ ଭାଗଚାଷ କରନ୍ତି । ସାଧାରଣତଃ ଗାଁକହଳିରେ କୃଷକମାନଙ୍କ ପାଖରେ ଭଲ ଉତ୍ପାଦନ କରିବାର ଜ୍ଞାନ କୌଶଳ ଏବଂ ସୂଚନା ନଥାଏ । ସେମାନେ ପାରମ୍ପାରିକ ଭାବରେ କୃଷିକାର୍ଯ୍ୟ କରିଥାନ୍ତି । ପ୍ରାକୃତିକ ବିପର୍ଯ୍ୟୟ ହେତୁ ବହୁତ ଫସଲ କ୍ଷତି ଏବଂ ବ୍ୟାଘାତ ହୋଇଥାଏ ଓ କମ୍ ଉତ୍ପାଦନ ହୋଇଥାଏ । ଏଥି ଯୋଗୁଁ ସରକାର ମଧ ଆର୍ଥିକ ସହାୟତା ଦେଇଥାନ୍ତି । କିନ୍ତୁ ତାହା ଜମି ମାଲିକ ନିକଟକୁ ଚାଲିଯାଇଥାଏ ଏବଂ କୃଷକ ଏଥିରୁ କିଛି ପାଇ ନଥାଏ । ଏଥିଯୋଗୁଁ କେତେକ କୃଷକ ଭାଗଚାଷ କରିବାକୁ ମନା କରିଥାନ୍ତି । କୃଷିକାର୍ଯ୍ୟ ଛାଡ଼ି ସହରାଭିମୁଖୀ ହୋଇଥାନ୍ତି । ଆଉ ମଧ ଓଡ଼ିଶା ସରକାରଙ୍କ ଦ୍ୱାରା ୧ଟଙ୍କାରେ ୧୦ କେଜି ଚାଉଳ ପ୍ରଦାନ କରାଯାଉ ଥିବାରୁ ଦୈନିକ ଖାଇବା ଚଳିଯାଏ । ତେଣୁ କୃଷକ ମନରେ ଚାଷ କରିବା ପାଇଁ ଆଗ୍ରହ କମିଯାଏ ।

ଅନ୍ୟ ପକ୍ଷରେ କୃଷକମାନେ ଚାଷ କାର୍ଯ୍ୟରେ ଜୈବିକ ଖତ, ଜୈବିକ ସାର ଏବଂ ଜୈବିକ କୀଟନାଶକ ପ୍ରୟୋଗ କରନ୍ତି ନାହିଁ । ଅଧିକ ଅମଳ ପାଇଁ ରାସାୟନିକ ସାର ଔଷଧ ପ୍ରୟୋଗ କରିଥାଆନ୍ତି । ଯାହା ଉପରେ ସେମାନଙ୍କର କୌଣସି ଜ୍ଞାନ ନଥାଏ । ଏହାଦ୍ୱାରା ଅଧିକ ଅମଳ ହୋଇଥାଏ । କିନ୍ତୁ ବହୁତ ପରିମାଣରେ ମୃତ୍ତିକା ଏହାର ଉତ୍ପାଦନର କ୍ଷମତା ହରାଇ ଥାଏ ଏବଂ ପରିବେଶ ପ୍ରଦୂଷଣ ହୋଇଥାଏ । ଆଗାମୀ ବର୍ଷ ମାନଙ୍କର ଅମଳର ପରିମାଣ ହ୍ରାସ ପାଇଥାଏ । ଏଥିଯୋଗୁଁ ଭାଗଚାଷିମାନେ ଭାଗଚାଷ ଛାଡ଼ି ଦେଇଥାନ୍ତି । ଏଣୁ ଜମି ମାଲିକକୁ କ୍ଷତି ସହିବାକୁ ପଡ଼େ ଓ ଜମିର ରକ୍ଷଣାବେକ୍ଷଣା ଅଭାବରୁ ଜମି ନଷ୍ଟ ହୋଇଯାଏ ।

ଆମେ ଜାଣିଛେ କୃଷକମାନେ ସାଧାରଣତଃ ପରିବେଶ ଉପରେ ନିର୍ଭର କରିଥାନ୍ତି । କିନ୍ତୁ ଏହା ସ୍ଥିର ନୁହେଁ ମାତ୍ର ଦିନକୁ ଦିନ ପରିବର୍ତ୍ତନ ହୋଇଥାଏ । ଏଣୁ ଆମେ ଏହାକୁ ରୋକିପାରିବା ନାହିଁ । ତେଣୁ କେତେକ କୃଷକ ମତରେ କୃଷିକାର୍ଯ୍ୟ ହେଉଛି ଭାଗ୍ୟ ଓ କଠିନ ପରିଶ୍ରମ ଉପରେ ନିର୍ଭରଶୀଳ । ଏଣୁ କୃଷିକାର୍ଯ୍ୟରେ ବାରମ୍ବାର କ୍ଷତି ହେବାରୁ କୃଷକମାନେ ଆତ୍ମହତ୍ୟା କରିଥାନ୍ତି ଏହି ସବୁ ସମସ୍ୟା ଗୁଡ଼ିକରୁ ଦୂରେଇ ରହିବା ପାଇଁ କୃଷକମାନଙ୍କୁ କୃଷି ବିଜ୍ଞାନର ପ୍ରଶିକ୍ଷଣ କରିବା ନିତ୍ୟାନ୍ତ ଜରୁରୀ । ଯଦି ସେମାନେ ପ୍ରଶିକ୍ଷଣ ନେଇ ଉନ୍ନତ ଜ୍ଞାନ କୌଶଳ ପ୍ରୟୋଗ କରି କୃଷିକାର୍ଯ୍ୟ ସମ୍ପାଦନ କରନ୍ତେ ଉତ୍ପାଦନ ବୃଦ୍ଧି ପାଇବ ।

ଆଧୁନିକ ପୃଥିବୀରେ ଗୋଟିଏ ଆଶ୍ଚର୍ଯ୍ୟ କଥା ସମସ୍ତେ ଭଲ ଖାଇବାକୁ ଚାହାନ୍ତି କିନ୍ତୁ ଉତ୍ପାଦନ କରିବାକୁ ନୁହେଁ । ସମସ୍ତେ ଭଲରେ ରହି ଚାକିରି କରିବାକୁ ଚାହାନ୍ତି କିନ୍ତୁ ଜଣେବି କେହି ଭଲ କୃଷକ ହେବାକୁ ଚାହାଁନ୍ତି ନାହିଁ । ଏବେ ପ୍ରଶ୍ନ ଉଠୁଚି- ଉତ୍ପାଦନ କରିବ କିଏ ? ଖାଦ୍ୟ ଆସିବ କେଉଁଠାରୁ । ତେଣୁ କୃଷକମାନଙ୍କୁ ଉପଯୁକ୍ତ ତାଲିମ୍ ପ୍ରାପ୍ତ କରାଯିବା ଦରକାର । ଏହାଦ୍ୱାରା କୃଷକମାନଙ୍କ ରୋଜଗାର ଏବଂ ଭବିଷ୍ୟତରେ କୃଷି ଏକ ମୁଖ୍ୟ ବୃତ୍ତି ହୋଇ ପାରିବ ।

**କୃଷକ ପାଠ୍ୟକ୍ରମ :**

୧. ପରିବେଶ ଅନୁଯାୟୀ ଶସ୍ୟ ଚିହ୍ନଟ କରିବା
୨. ନୂତନ ଜ୍ଞାନ କୌଶଳର ପ୍ରୟୋଗ
୩. ମିଶ୍ରିତ କୃଷି
୪. ଅଧିକ ଅମଳ କରିପାରୁଥିବା ବିହନ
୫. ନୂତନ ଯନ୍ତ୍ରପାତିର ପ୍ରୟୋଗ
୬. ବିଭିନ୍ନ ପନିପରିବା ଋତୁ ଅନୁସାରେ ଓ ବଜାର ଚାହିଦାରେ ଚାଷ କରିବା

ଜମିଟି ସାଧାରଣତଃ ହିଡ଼ ଦ୍ୱାରା ଭାଗ ଭାଗ ହୋଇଥାଏ । ତେଣୁ ଅଧିକ ଟଙ୍କା ନିବେଶ ହୋଇଥାଏ । ଯଦି ପାଖାପାଖି ଜମି ଥିବା କୃଷକ ନିଜସ୍ୱ ବୁଝାମଣାରେ ହିଡ଼ ଉଠାଇ ଜମିକୁ ଏକତ୍ର କରି ଚାଷ କରନ୍ତେ ଜଳସେଚନର ସୁବିଧା ସହ ଅମଳ ହୁଅନ୍ତା ।
ଯଦି କେତେକ କୃଷକ ଏକାଠି ହୋଇ ଗୋଟେ ଛୋଟ ଫାର୍ମ ଗଠନ କରି ସେମାନଙ୍କର ମିଳିତ ପ୍ରୟାସରେ ସେଠାରେ ଜୈବିକ ସାର, କମ୍ପୋଷ୍ଟ ଏବଂ ଏଫ୍.ୱାଇ.ଏମ୍. ଉତ୍ପାଦନ କରିପାରନ୍ତେ । ଏହା ସେମାନଙ୍କ ପାଇଁ ଅଧିକ ରୋଜଗାର ଦେଇ ପାରିବ । ଏଥିପାଇଁ କୃଷି ବିଜ୍ଞାନ ଶିକ୍ଷା ନିତ୍ୟାନ୍ତ ଆବଶ୍ୟକ ।

ଶ୍ୟାମଳ ସୁବର୍ଣ୍ଣ ବ୍ୟୁରୋ
(ସହାୟତା- ବିଜ୍ଞାନ)



# ଲାଭଦାୟକ ଫସଲ ବାଇଗଣ



ବାଇଗଣ ଏକ ମୁଖ୍ୟ ପରିବା ଭାବେ ବେଶ ଆଦୃତ । ପ୍ରତି ଓଡ଼ିଆଙ୍କ ପରିବା ଡାଲାରେ ଏକ ନିୟମିତ ପରିବା ଭାବେ ପରିଚିତ ମଧ୍ୟ । ଭୋର ପହନ୍ତାରୁ ଚୁଲିମୁଲେ ପୋଡ଼ା ବାଇଗଣ ସାଙ୍ଗକୁ ପଖାଳ ଭାତ ବେଶ୍ ଜମେ । ତେବେ ଧଳା ବାଇଗଣରେ ଔଷଧୀୟ ଗୁଣ ତଥା ଫାଇବର, ମିନେରାଲ ରହିଥିବା ହେତୁ ଡ଼ାୟାବେଟିକ ରୋଗୀ , ଗର୍ଭବତୀ ମହିଳା ଏବଂ ବ୍ଲଡ୍ ପ୍ରେସର୍ ରୋଗୀମାନେ ଏହାକୁ ଅଧିକ ଖାଇଥାନ୍ତି । ଆଜିକାଲି ବଜାରରେ ବାଇଗଣର ବେଶ ଚ଼ାହିଦା ମଧ ରହିଛି ଏଣୁ ଜଳ ସେଚ଼ନ ସୁବିଧା ଥିବା ଢିପ ଜମିରେ ଧାନ ପରିବର୍ତ୍ତେ ବାଇଗଣ ଚ଼ାଷ କଲେ ଚ଼ାଷୀ ଭାଇମାନେ ଅଧିକ ଲାଭ ପାଇପାରିବେ ।

ସର୍ବ ପ୍ରଥମେ ଚ଼ାଷୀ ଭାଇ ମାନଙ୍କୁ ଧ୍ୟାନ ଦେବା ଦରକାର ଯେଉଁ ସମୟରେ ସାଧାରଣତଃ ବାଇଗଣ ବେଶି ଫଳି ଥାଏ ଠିକ୍ ସେହି ସମୟରେ ଦାମ୍ କମ୍ ହୁଏ ଏଣୁ ଅଧିକ ପରିମାଣରେ ଚ଼ାଷ କରୁଥିଲେ ସର୍ବଦା ବଜାର ଚ଼ାହିଦା ଏବଂ ଖାଉଟି ଦରଦାମ୍ ଉପେରେ ବିଶେଷ ନଜର ରଖି ଚ଼ାଷ କରିବାକୁ ପଡ଼ିବ। ଧଳା ବାଇଗଣର ଔଷଧୀୟ ଗୁଣ ରହିଥିବା ହେତୁ ବଜାରରେ ଅନ୍ୟ ବାଇଗଣଠୁ ଏହାର ଅଧିକ ଚ଼ାହିଦା ଦେଖାଯାଏ ସେଇପରି ଭାବେ କଣ୍ଟା ବାଇଗଣର ମଧ ବିଶେଷ ଚ଼ାହିଦା ରହିଛି । ତେବେ ବାଇଗଣ ଅମଳର ପରିମାଣ ସଠିକ୍ ବିହନ ଚ଼ୟନ ଏବଂ ଖାଦ୍ୟ ସାର ପରିଚ଼ାଳନା ଉପରେ ନିର୍ଭରକରେ ଏଣୁ ସର୍ବଦା ସଠିକ୍ ବିହନ ଏବଂ ସମନିତ୍ୱ ଖାଦ୍ୟ ସାର ପରିଚ଼ାଳନା କଲେ ଚ଼ାଷୀ ଭାଇମାନେ କମ୍ ଖର୍ଚ୍ଚ ରେ ଅଧିକ ଲାଭ ପାଇପାରିବେ।

**୧. ସଠିକ୍ ବିହନ ଚ଼ୟନ**

ଗାଁ ଗହଳି ରେ ଚ଼ାଷୀ ସାଧାରଣତଃ ନିକଟସ୍ଥ ଦୋକାନରେ ଉପଲବ୍ଧ ହେଉଥିବା ବିହନ ଉପରେ ନିର୍ଭର କରିଥାନ୍ତି ଏବଂ ଗାଁ ଦୋକାନୀ ନିଜକୁ ସୁହାଇଲା ଭଳି ବିହନ ମଧ ରଖିଥାଏ ଫଳରେ ଚ଼ାଷୀ ଉନ୍ନତ ବିହନ ପାଇପାରେ ନାହିଁ । ଏଣୁ ସବୁବେଳେ ଉନ୍ନତ ଏବଂ ରୋଗ ପ୍ରତରୋଧକ ଶକ୍ତି ଥିବା ବିହନ ଚ଼ୟନ କରିବା ଅବଶ୍ୟକ । ଓଡ଼ିଶା ଜଳବାୟୁ ପାଇଁ ଓୟୁଏଟି ଭୁବନେଶ୍ୱରରୁ କେତେକ ଉନ୍ନତ କିସମର ବିଜାଣୁ ଜନିତ ଝାଉଁଳା ରୋଗ ପ୍ରତିରୋଧ ବିହନ ଉତ୍ପାଦନ କରାଯାଇଛି ସେ ଗୁଡିକ ହେଲା ଉତ୍କଳ ତାରିଣି,ଉତ୍କଳ କେଶରୀ , ଉତ୍କଳ ମାଧୁରୀ ଏବଂ ଅନ୍ୟ ପ୍ରଜାତିର କିସମ ଯଥା ପୁଷା କ୍ରାନ୍ତି , ପୁଷା ପର୍ପଲ୍ ଲଙ୍ଗ, ପୁଷା କ୍ଲଷ୍ଟର ଆଦି କିସମର ବିହନ ଓଡ଼ିଶା ଜଳବାୟୁ ପାଇଁ ଉପଯୁକ୍ତ । ଶଙ୍କର ବା ହାଇବ୍ରିଡ୍ ଜାତୀୟ ମଧ୍ୟରେ ଯେ କେ ୮୦୩୧ ଅଧିକ ଅମଳ ଦେଇଥାଏ ।

**୨. ତଳି ପ୍ରସ୍ତୁତି**

ସାଧାରଣତଃ ନିଗିଡା ଦୋରସା ମାଟି ବାଇଗଣ ଚ଼ାଷ ପାଇଁ ପ୍ରସ୍ତୁତ ଏଣୁ ପାଣି ସୁବିଧାଥିବା ଉଚ୍ଚ ନିଗିଡା ଜମିରେ ତଳି ପକାଯାଏ । ବିଲକୁ ଭଲ ଭାବେ ଚ଼ାଷକରି ଅନାବନା ଘାସ ବାଚ଼ିଛି ୩ ରୁ ୪ ଫୁଟ ଚ଼ଉଡ଼ା ଏବଂ ୧୦ ଫୁଟ ଲମ୍ବାର ଏକ ୧୦ ରୁ ୨୦ ସେମି ଉଚ୍ଚ ପଟି ପ୍ରସ୍ତୁତ କରନ୍ତୁ । ଉଚ୍ଚହେବାଦ୍ୱାରା ଜଳ ନିଷ୍କାସନ ଓ ତଳିଘର କଟା ରୋଗ କମ୍ ହୋଇଥାଏ । ତଳିପଟି ଗୁଡ଼ିକ ମଧ୍ୟରେ ୧.୫ ଫୁଟର ଏକ ରାସ୍ତା ଯିବା ଆସିବା ପାଇଁ ଛାଡନ୍ତୁ । ପ୍ରତ୍ୟେକ ତଳିପଟିରେ ୪ ରୁ ୫ ଝୁଡି ଗୋବର ଖତ ସହିତ ୭୫ ଗ୍ରାମ ୟୁରୀୟା,୧୦୦ ଗ୍ରାମ ସୁପର ଓ ୨୫ ଗ୍ରାମ ପଟାସକୁ ଭଲ ଭାବେ ମିଶେଇ ଏକ ସମତୁଲ ତଳି ପଟି ପ୍ରସ୍ତୁତ କରନ୍ତୁ । ମି ବୁଣିବାର ୩ ରୁ ୫ ଦିନ ପୂର୍ବରୁ ତଳି ପଟି ପ୍ରସ୍ତୁତ କରିବ ଆବଶ୍ୟକ । ପିମ୍ପୁଡ଼ି କିମ୍ବା ଅନାନ୍ୟ ଉଇ ଦେଖା ଦେଲେ ତାକୁ ତୁରନ୍ତ ନଷ୍ଟ କରିବା ଆବଶ୍ୟକ ଅଟେ । ଏକ ଏକର ଜମି ପାଇଁ ସାଧାରଣତଃ ୨୦୦ ରୁ ୨୫୦ ଗ୍ରାମର ମଞ୍ଜି ଓ ୯ ଟି ତଳି ପଟି ଆବଶ୍ୟକ ହୋଇଥାଏ , ମଞ୍ଜି ବୁଣିବା ପୂର୍ବରୁ ସେଗୁଡିକୁ ୧ ଗ୍ରାମ ଥିରାମ ରେ ଭଲ ଭାବେ ବିଶୋଧନ କରି ଅଧ ଇଞ୍ଚ ଗଭୀରରେ ଧାଡ଼ି ଧାଡ଼ି କରି ବୁଣାଯାଏ। ଶୀଘ୍ର ଗଜା ବାହାରିବା ପାଇଁ ତଳି ପଟିକୁ ପାଳ ବା ନଡ଼ା ରେ ଆଚ୍ଛାଦିତ କରି ପାଣି ଛିଞ୍ଚନ କରାଯାଏ । ୪ ରୁ ୫ ଦିନ ପରେ ଗଜା ବାହାରେ ଏହାପରେ ପାଳ କୁ କାଢି ଦେବା ଦରକାର ଏବଂ ନିୟମିତ ଭାବେ ଯତ୍ନ ନେଲାପରେ ପ୍ରାୟ ୨୦ ରୁ ୨୫ ଦିନ ମଧ୍ୟରେ ତଳି ଗୁଡ଼ିକ ରୋଇବା ପାଇଁ ଉପଯୁକ୍ତ ହୋଇଥାନ୍ତି ।

**୩. ଜମି ପ୍ରସ୍ତୁତି**

ଏକର ପିଛା ଜମିରେ ୬ ରୁ ୮ ଗାଡ଼ି ଖତ ଦେଇ ଭଲ ଭାବରେ ଦୁଇ ଓଡ ହଳ କରି, ମଇ ସାହାଯ୍ୟରେ ମାଟିକୁ ଗୁଣ୍ଡ କରି ସମତୁଲ କରନ୍ତୁ । ତତ୍ ସହିତ ୧୦ କିଗ୍ରା ଯବକ୍ଷାରଜାନ ,୨୦ କିଗ୍ରା ଫସଫରସ ଏବଂ ୬ କିଗ୍ରା ପୋଟାସ୍ ସାର ଦେଇ କୁ ଧାଡ଼ି ୬୦ ସେମି ଏବଂ ଗଛକୁ ଗଛ ୪୫ ସେମି ଦୂରତା ମଧ୍ୟରେ ଚ଼ାରା ରୋପଣ କରି ପାଣି ଦିଅନ୍ତୁ । ୨୦ ରୁ ୨୫ ଦିନ ପରେ ଅନାବନା ଘାସ ବାଛି କୋଡ଼ାଖସା କରି ଏକର ପିଛା ୨୦ କିଗ୍ରା ଯବକ୍ଷାରଜାନ ଏବଂ ୧୨ କିଗ୍ରା ପଟାସ ସାର ଦେଇ ମାଟି ଟେକି ଦିଅନ୍ତୁ । ଏବଂ ୫ ରୁ ୭ ଦିନ ବ୍ୟବଧାନରେ ଜଳବାୟୁକୁ ଦେଖି ପାଣି ମଡ଼ାନ୍ତୁ । ସେହିପରି ୪୦ ରୁ ୪୫ ଦିନ ହେଲା ପରେ ପୁଣିଥରେ ଏକର ପିଛା ୨୦ କିଗ୍ରା ଯବକ୍ଷାରଜାନ ଏବଂ ୧୨ କିଗ୍ରା ପଟାସ ସାର ଦେଇ ମାଟି ଟେକି ଦିଅନ୍ତୁ । ସାର ସବୁବେଳେ ଗଛ ଠାରୁ ୨ ରୁ ୩ ଇଞ୍ଚ ଛାଡ଼ି ପ୍ରୟୋଗ କରିବା ଉଚ଼ିତ ।

**୪.ଅମଳ**

ତଳି ରୋଇବାର ପ୍ରାୟ ୬୦ ଦିନ ପରେ ଗଛରେ ଫୁଲ ଧରିଥାଏ ଏବଂ ଏକର ପିଛା ପ୍ରାୟ ୯୦ ରୁ ୧୧୦ କ୍ୱିଣ୍ଟାଲ ଅମଳ ହୋଇଥାଏ ।

**ମୁଖ୍ୟ ରୋଗ ଓ ପୋକ**

ବାଇଗଣରେ ମୁଖ୍ୟତଃ କାଣ୍ଡ ବିନ୍ଧା ଓ ଫଳବିନ୍ଧା ପୋକ ବେଶୀ କ୍ଷତି କରିଥାନ୍ତି । ଏହି ପୋକରୁ ରକ୍ଷା ପାଇବା ପାଇଁ ପ୍ରତି ଗଛ ପିଛା ୫୦ ଗ୍ରାମ ଲିମ୍ବ ପିଡ଼ିଆ ଏବଂ ଏକର ପ୍ରତି ୫ ଲି ଲିମ୍ବତେଲ ସ୍ପ୍ରେ କରିବା ସହିତ ପ୍ରତି ୧୦ ଧାଡ଼ିରେ ଗୋଟେ ଲେଖେ ଫେରୋମନ ଟ୍ରାପ୍ ଲଗାଇ ପୋକର ପ୍ରାଦୁର୍ଭାବ କମାଇ ପାରିବା । ଅଧିକ ପରିମାଣରେ ଦେଖା ଦେଲେ ବଜାରରେ ମିଳୁଥିବା ଇମାକ୍ଟିନ ବେଞ୍ଜୋ ଏଟ୍ କିମ୍ବା ଥିଓଡିକାର୍ବ କୀଟନାଶକ ୧ ଲିଟର ପାଣିରେ ୧ ଗ୍ରାମ ମିଶାଇ ଛିଞ୍ଚନ କଲେ ପୋକର ପ୍ରାଦୁର୍ଭାବ କମ୍ ହୋଇଥାଏ ।

ସେଇଭଳି ମୁଖ୍ୟ ରୋଗ ଭାବେ ଝାଉଁଳା ରୋଗ ବେଶୀ କ୍ଷତି କରେ - ଏହି ରୋଗ ବ୍ୟାକ୍ଟେରିଆ କିମ୍ବା ସୂତ୍ର କୃମି ଦ୍ୱାରା ହୋଇଥାଏ ଏଣୁ ପ୍ରଥମେ ଚେର କୁ ଅନୁଧ୍ୟାନ କରି ଏହା କେଉଁ ଦ୍ୱାରା ହୋଇଛି ତାହା ଚ଼ୟନ କରିବା ଆବଶ୍ୟକ।

୧.ମୂଳରେ ଫିମ୍ପି ଲାଗିଥିଲେ ଏହା ଫିମ୍ପି ଜନିତ ଝାଉଁଳା ରୋଗ :- ପ୍ରତି ୨ ଗ୍ରା ବାଭିଷ୍ଟିନ କିମ୍ବା ୧.୫ ଗ୍ରା ଟେବୁକୋନାଜଲ ୧ ଲି ପାଣିରେ ମିଶାଇ ଛିଞ୍ଚନ କରିବା
୨.ମୂଳରେ ଛୋଟ ଛୋଟ ଗଣ୍ଠି ଥିଲେ ଏହା ସୂତ୍ରକୃମି ଜନିତ ଝାଉଁଳା ରୋଗ :-ଦାନାଦାର କିମ୍ବା ଫୁରାଡନ୍ ଗୁଣ୍ଡ ମୂଳରେ ପକାନ୍ତୁ । ଚ଼ାଷ ଆରମ୍ଭରୁ ଗେଣ୍ଡୁ ଫୁଲ ପ୍ରତି ଧାଡ଼ିରେ ରୋପୋଣ କଲେ ଏହା ଏକ ଜନ୍ତା ଫସଲ ଭାବେ କାର୍ଯ୍ୟ କରିବା
୩. ବ୍ୟାକ୍ଟେରିଆ ଜନିତ ଝାଉଁଳା ରୋଗ ହୋଇଥିଲେ :- ପ୍ଲାଣ୍ଟମାଇସିନ ୧ ଗ୍ରା ପ୍ରତି ଲିଟର ଜଳରେ କିମ୍ବା ଷ୍ଟେପଟ୍ରୋମାଇସିନ୍ ୨ ଗ୍ରା ପ୍ରତି ୧୦ ଲି ଜଳରେ ମିଶ୍ରଣ କରି ଗଛ ମୂଳରେ ଭଲ ଭାବେ ମାଟି ଓଦା ହେଲା ଭଳି ଛିଞ୍ଚନ କରନ୍ତୁ ।

ବିଜ୍ଞାନ ରଞ୍ଜନ ସାହୁ
ଓୟୁଏଟି,ଭୁବନେଶ୍ୱର
ମୋ ୯୫୫୬୨୫୯୯୧୯




# ଓବେସୋଫୋବିଆ



ଓଜନ ବଢ଼ିବା, ବର୍ତ୍ତମାନ ସମୟରେ ସବୁଠୁ ବଡ଼ ଚିନ୍ତା ଭିତରୁ ଗୋଟିଏ। ଓଜନ ବୃଦ୍ଧି ପାଇବା ଅନେକ ରୋଗର କାରଣ ପାଲଟୁଛି। ଏହି କାରଣରୁ ସ୍ୱାସ୍ଥ୍ୟ ବିଶେଷଜ୍ଞ ଲୋକଙ୍କୁ ଓଜନ ନିୟନ୍ତ୍ରିତ ରଖିବା ପାଇଁ ପରାମର୍ଶ ଦେଉଛନ୍ତି। କେହି କେହି ଓଜନ ବୃଦ୍ଧିକୁ ନେଇ ଏତେ ଚିନ୍ତିତ ହୋଇପଡୁଛନ୍ତି ଯାହା ଏକ ମାନସିକ ସମସ୍ୟାରେ ପରିଣତ ହେଉଛି। ଯଦି ଆପଣ ବି ସବୁବେଳେ ଓଜନ ବୃଦ୍ଧିକୁ ନେଇ ଭୟ କରୁଥିବେ, କାଳେ ମୋର ଓଜନ ବଢ଼ିଯିବନି। ତା'ହେଲେ ଏହାକୁ ଫୋବିଆ ରୂପରେ ଦେଖାଯାଇଥାଏ। ଏହି ଫୋବିଆକୁ ଡାକ୍ତରୀ ଭାଷାରେ କୁହାଯାଇଥାଏ ଓବେସୋଫୋବିଆ। ଓବେସୋଫୋବିଆ ଓଜନ ବୃଦ୍ଧିକୁ ନେଇ ମନରେ ଆସୁଥିବା ଏକ ଅସାମାନ୍ୟ ଡର, ଯାହା ବ୍ୟକ୍ତିର ଖାଦ୍ୟପେୟ ଅଭ୍ୟାସକୁ ପ୍ରଭାବିତ କରିଥାଏ। ଏହି ଫୋବିଆରେ ପୀଡ଼ିତ ବ୍ୟକ୍ତି ଅନ୍ୟ ମାନସିକ ରୋଗ ଯେମିତି ଏନେରେକ୍ସିଆ, ବ୍ଲୁଲିମିଆ ପରି ରୋଗରେ ମଧ୍ୟ ପୀଡ଼ିତ ଥାଆନ୍ତି। ଓବେସୋଫୋବିଆରେ ପୀଡ଼ିତ ବ୍ୟକ୍ତି ଅଧିକ ମୋଟା ଲୋକଙ୍କୁ ଘୃଣା କରିଥାନ୍ତି। ଏମିତିକି ସେମାନେ କିଛି ବି ଖାଇବାକୁ ଭୟ କରିଥାନ୍ତି। ଓବେସୋଫୋବିଆ ହେବାର ଅନେକ କାରଣ ରହିଛି। ପିଲାଦିନେ ଓଜନକୁ ନେଇ କୌଣସି ଖରାପ ଅନୁଭବ କିମ୍ବା ଆଖପାଖ ପରିବେଶ ଏହି ମାନସିକ ରୋଗ ହେବାର କାରଣ ହୋଇପାରେ। ନଚେତ ଏହି ମାନସିକ ରୋଗ ଯଦି ପରିବାରରେ କାହାକୁ ହୋଇଥିବ ତା'ହେଲେ ଘରର ଅନ୍ୟ ସଦସ୍ୟଙ୍କୁ ହେବାର ମଧ୍ୟ ଆଶଙ୍କା ଥାଏ। ଅନ୍ୟ କାରଣ ଗୁଡ଼ିକରେ ସାମାଜିକ ଚିନ୍ତା, ମନରେ ଅସୁରକ୍ଷିତ ଭାବନା କିମ୍ବା ଲୋକଙ୍କ ଆଲୋଚନାର କାରଣ ମଧ୍ୟ ମନରେ ମୋଟା ହେବାର ଭୟ ସୃଷ୍ଟି କରିଥାଏ। ଅନେକ ଲୋକ ଏହାର ଲକ୍ଷଣ ଜାଣି ପାରିନଥାନ୍ତି। ଏହାକୁ ଉତ୍ତମ ଖାଦ୍ୟ ଅଭ୍ୟାସ ବୋଲି ଭାବିଥାନ୍ତି। କିନ୍ତୁ ଏହି ଅଭ୍ୟାସ ଓବେସୋଫୋବିଆର କାରଣ ହୋଇପାରେ। ସ୍ୱାସ୍ଥ୍ୟକର ଡାଏଟ୍ ଅନୁସରଣ କରିବା ଓବେସୋଫୋବିଆ ନୁହେଁ। କିନ୍ତୁ ଯଦି କେହି ପତଳା ରହିବା ପାଇଁ ଆବଶ୍ୟକତାଠାରୁ ଅଧିକ ଡାଏଟ ଅନୁସରଣ କରିବା, ଏକ୍ସରସାଇଜ କରିବା ଏବଂ ଭୋକିଲା ରହିବା ଓବେସୋଫୋବିଆର ଲକ୍ଷଣ ହୋଇପାରେ। ଓବେସୋଫୋବିଆର କୌଣସି ଗୋଟିଏ ଚିକିତ୍ସା ନାହିଁ। ଓବେସୋଫୋବିଆରେ ପୀଡ଼ିତ ବ୍ୟକ୍ତିର କାରଣ ବୁଝି ଡାକ୍ତର ଏହାର ଚିକିତ୍ସା କରିଥାନ୍ତି। ଥେରାପି ଏବଂ ବ୍ରେନ୍ ଏକ୍ସରସାଇଜରେ ମଧ୍ୟ ଭଲ ହୋଇପାରେ।

# 'ଓଡ଼ିଆ ଭାଷାରେ ଭାରତୀୟ ପ୍ରାନ୍ତୀୟ ଭାଷା ସାହିତ୍ୟର ଅନୁବାଦର ଆବଶ୍ୟକତା ଅଛି'

ଖୋରଧା (ପିଏନ୍)-ଆମରି ସତ୍ୟ ବିକାଶ ପରିଷଦ ତରଫରୁ 'ଅନୁବାଦ ସାହିତ୍ୟ' ଉପରେ ଏକ ଆଲୋଚନା ଚକ୍ର ବିଶ୍ୱାମିତ୍ର ସେବା ଟ୍ରଷ୍ଟ, ଖୋରଧାଠାରେ ଡ ପ୍ରମୋଦ ଚନ୍ଦ୍ର ଦାଶଙ୍କ ଅଧକ୍ଷତା ଏବଂ ସମରଜିତ୍ ପଟ୍ଟନାୟକଙ୍କର ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି।

ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ, କେନ୍ଦ୍ର ସାହିତ୍ୟ ଏକାଡ଼େମୀ ତଥା ନ୍ୟାସନାଲ ବୁକ୍ ଟ୍ରଷ୍ଟର ଅନୁବାଦ ଶ୍ରୀଯକ୍ତ ସୁଭାଷ ଶତପଥୀ ଓଡ଼ିଆ ଭାଷାରେ ଭାରତୀୟ ଅଟେ। ଅନୁବାଦକଙ୍କୁ ସାହିତ୍ୟିକଙ୍କଠାରୁ କମ ମୂଲ୍ୟାୟନ କରାଯାଇପାରେନା । ଅନୁବାଦ ସାହିତ୍ୟ ମୂଳ ସାହିତ୍ୟଠାରୁ କୌଣସି ଗୁଣରେ କମ ନୁହେଁ ବୋଲି ମତ ପ୍ରକାଶ ପାଇଥିଲା। ସମ୍ମାନୀତ ଅତିଥି କେନ୍ଦ୍ର ସାହିତ୍ୟ ଏକାଡ଼େମୀର ସ୍ୱୀକୃତିପ୍ରାପ୍ତ ଅନୁବାଦକ ଆଶୀଷ କୁମାର ରାୟ ହିନ୍ଦୀରେ କିଛି ପୁସ୍ତକ ଅନୁବାଦ କରିଛନ୍ତି। ତାଙ୍କ ମତରେ ଓଡ଼ିଆ କବିତା, ଗଳ୍ପ, ପ୍ରବନ୍ଧଗୁଡ଼ିକର ଅନ୍ୟାନ୍ୟ ଭାଷାରେ ଅନୁବାଦର ସମୟ ଆସିଛି। ଅନ୍ୟତମ ଅତିଥି ମଂଚ ତଥା ଭିଡିଓ ନାଟ୍ୟଶିଳ୍ପ ସମରଜିତ୍ ପଟ୍ଟନାୟକ କହିଲେ




ପ୍ରାନ୍ତୀୟ ଭାଷା ସାହିତ୍ୟର ଅନୁବାଦର ଆବଶ୍ୟକତା ଅଛି ଏବଂ ଅନୁବାଦକମାନେ ଅନୁବାଦ ତତ୍ତ୍ୱକୁ ବୁଝିବା ଏକାନ୍ତ ପ୍ରୟୋଜନ ବୋଲି ମତବ୍ୟକ୍ତ କରିଥିଲେ। ଓଡ଼ିଆଭାଷାରେ ପ୍ରକାଶିତ ପୁସ୍ତକଗୁଡ଼ିକର ଅନ୍ୟଭାଷାରେ ଅନୁବାଦ ପୁସ୍ତକର ସଂଖ୍ୟା ନଗଣ୍ୟ ତାଙ୍କ ଅନୁବାଦର ମୂଲ୍ୟାୟନ ପାଠକ କରିବେ। ସେ ତାଙ୍କ କାମ କରିଛନ୍ତି କେବଳ। ସେ ବୁଦ୍ଧଦେବ ବସୁଙ୍କ ଚରିତ୍ର ଏବଂ ବିତର୍କିତ ଉପନ୍ୟାସ 'ରାତଭରେ ବ୍ରିଷ୍ଟି'ର ଓଡିଆ ଅନୁବାଦ କରିଛନ୍ତି। ଅନୁଦିତ ବହିର ନାଁ ରହିଛି-ମୁଁ ମାଳତୀ କହୁଛି।

ବିଶ୍ୱାମିତ୍ର ସେବା ଟ୍ରଷ୍ଟର ଅଧକ୍ଷ ରାମଶଙ୍କର ଅତିଥି ପରିଚୟ ଦେଇଥିଲେ। ଆଲୋଚନାରେ ଗାଳ୍ପିକ ସୁନିଲ ବୋଷ, ସ୍ତମ୍ଭକାର ସମରେନ୍ଦ୍ର ବଳିଆରସିଂହ, ପ୍ରାକ୍ତନ ଅଧକ୍ଷ ଡ. ଶରତ ଚନ୍ଦ୍ର ମହାପାତ୍ର, ସ୍ୱପ୍ନାରାଣୀ ପାଣିଗ୍ରହୀ, ସାହିତ୍ୟ ସଂସଦ ସଭାପତି ଗୋପାଳକୃଷ୍ଣ ଦାସ, କାଶୀନାଥ ଦାସ, ଆଦି ନାରାୟଣ ଖଣ୍ଡୁଆଳ, ରାଜେନ୍ଦ୍ର ପ୍ରସାଦ ନାୟକ, ନଟବର ସାହୁ, ବିଭୁପ୍ରସାଦ ହରିଚନ୍ଦନ, କିଶୋର ପାଇକରାୟ, ବାସୁଦେବ ସାହୁ, ଦାଶରଥି ପଟ୍ଟନାୟକ, ନଟବର ସ୍ୱାଇଁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜବାହାରଲାଲ ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ।

# ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦର ସାରସ୍ୱତ ସମାରୋହ




ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ବଉଳାବନ୍ଧର ପ୍ରଖ୍ୟାତଯଶା କଳାକାର ତଥା ନାଟ୍ୟ ସଂଳାପ ଲେଖକ ତ୍ରିନାଥ ଚରଣ ସାହୁଙ୍କ ନାମରେ ନାମିତ ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦ ପକ୍ଷରୁ ବିଡିଏ କଲୋନୀସ୍ଥ ଗାୟତ୍ରୀ ମନ୍ଦିର ପରିସରରେ 'ରାମାୟଣର ସାମାଜିକ ପ୍ରତିଫଳନ' ନେଇ ଏକ ଆଲୋଚନାଚକ୍ର ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଭାରତର ପୂର୍ବତନ ରାଷ୍ଟ୍ରଦୂତ ବିଶିଷ୍ଟ କୂଟନୀତିଜ୍ଞ ଏବଂ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥାର ଅଧକ୍ଷ ଅବସର ବେଉରିଆଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏହାପରେ କବିଚନ୍ଦ୍ର କାଳିଚରଣ ପଟ୍ଟନାୟକଙ୍କ ସାନଭାଇ ସ୍ୱର୍ଗତଃ ଭବାନୀଚରଣ ପଟ୍ଟନାୟକଙ୍କ ପଚାଶ ବର୍ଷ ତଳର ପାଣ୍ଡୁଲିପି 'ଆଦରିଣୀ' ତାଙ୍କ ନାତୁଣୀ ଜ୍ୟୋତିପ୍ରଭା ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ ହୋଇ ଉନ୍ମୋଚିତ ହୋଇଥିଲା। ଏହି କବିତା ପୁସ୍ତକର ସଂଗୀତ ଶୈଳୀ ମନୋମୁଗ୍ଧକର ବୋଲି ମତପ୍ରକାଶ ପାଇଥିଲା। ସେହିପରି ପ୍ରଫେସର ଡ. ଶରଚ୍ଚନ୍ଦ୍ର ମହାପାତ୍ରଙ୍କ ଲିଖିତ 'ଉତ୍କଳ ସାରସ୍ୱତ ଜଗତର ଅମ୍ଳାନ ପ୍ରତିଭା' ଶୀର୍ଷକ ପ୍ରବନ୍ଧ ପୁସ୍ତକ ଉନ୍ମୋଚିତ ହୋଇଥିଲା। 'ରାମାୟଣ' ଉପରେ ଆଲୋଚନାଚକ୍ର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ପ୍ରଫେସର ଡ. ପତିତପାବନ ଦଳାଇ, ମୁଖ୍ୟବକ୍ତା ରୂପେ ପ୍ରଫେସର ଡ. ଶରଚ୍ଚନ୍ଦ୍ର ମହାପାତ୍ର ଏବଂ ସମ୍ମାନିତ ଅତିଥି ରୂପେ ଶିକ୍ଷାବିତ୍ ଭୀମସେନ ପ୍ରଧାନ, ଆଡଭୋକେଟ୍ ଶିବସୁନ୍ଦର ପଟ୍ଟନାୟକ, ପ୍ରଫୁଲ୍ଲ କୁମାର ସାମନ୍ତରାୟ ଓ ଦୟାନିଧି ସାହୁ ଯୋଗଦେଇ ରାମାୟଣ-ତ୍ୟାଗ ଓ ମହନୀୟତାର ଏକ ଅମୂଲ୍ୟ ଗ୍ରନ୍ଥ ବୋଲି ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣଚନ୍ଦ୍ର ହରିଚନ୍ଦନ, ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ, ଗୟାପ୍ରସାଦ ମିଶ୍ର, ସମରେନ୍ଦ୍ର ବଳିଆରସିଂହ, ବିଦ୍ୟାଧର ଲେଙ୍କା, ଡ. ଚପଳା ପଣ୍ଡା, ବିଳାସିନୀ ଦାଶ, ସୌଭାଗ୍ୟକୁମାର କର, ବ୍ରଜକିଶୋର ସାହୁ, ଆଡଭୋକେଟ୍ ବିକ୍ରମକେଶରୀ ଚମ୍ପତି, ନଳିନୀ ଦାଶ, ନାରାୟଣ ଦାସ ଓ ଶାନ୍ତିଲତା ଦେବୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ନୀଳାଦ୍ରି ଜଗଦ୍ଦେବ, କୈଳାସ ଚନ୍ଦ୍ର ପୃଷ୍ଟି ଓ ପଣ୍ଡିତ ବାସୁଦେବ ସାହୁଙ୍କ ସଂଯୋଜନାରେ କବିତା ପାଠ ହୋଇଥିଲା। ସଂସଦର ସଂଯୋଜକ ଗୋବିନ୍ଦ ଚନ୍ଦ୍ର ମହାରଣା ଅତିଥି ପରିଚୟ ଓ ଆୟୋଜିକା ଇତିଶ୍ରୀ ସାହୁ ଧନ୍ୟବାଦ ଦେଇଥିଲେ। ଜ୍ୟୋତିରଞ୍ଜନ ସାହୁ, ଦିଲ୍ଲୀପ କୁମାର କର ଓ ସୁକାନ୍ତ କୁମାର ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଓଡିଶାରେ ବିଲାଇଭର ୫ମ ମଲ୍ଟି ବ୍ରାଣ୍ଡ ଷ୍ଟୋର

ଭୁବନେଶ୍ୱର,(ପି.ଏନ): ସାରା ଦେଶରେ ଏହାର ସମ୍ପ୍ରସାରଣ ପ୍ରୟାସ ଜାରି ରଖିଥିବା ବିଲାଇଭ ଭାରତର ଦ୍ରୁତତମ ବୃଦ୍ଧି ପାଉଥିବା ମଲ୍ଟି ବ୍ରାଣ୍ଡ ଇଲେକ୍ଟ୍ରିକ୍ ଯାନ ପ୍ଲାଟଫର୍ମ, ଏହାରପଞ୍ଚମ ମଲ୍ଟି ବ୍ରାଣ୍ଡ ଷ୍ଟୋର ଓଡିଶାର ବ୍ରହ୍ମପୁରରେ ଖୋଲିଛି। ବିଲାଇଭର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରତୀକ ଦାଶଙ୍କ ସହ ଶ୍ରୀ ସଂୋଷ କୁମାର ଅଗ୍ରୱାଲ, ଆଶିଷ ଅଗ୍ରୱାଲ ଏବଂ ଷ୍ଟୋର କର୍ମଚାରୀଙ୍କ ଉପସ୍ଥିତିରେ ଏହି ଷ୍ଟୋରକୁ ଉଦଘାଟନ କରିଥିଲେ। ବୈଦୁତିକ ଗତିଶୀଳତା ଏବଂ ଇନ୍ଧନ ମୂଲ୍ୟ ବୃଦ୍ଧିରେ ବିଶ୍ୱ ସଚେତନତା ହେତୁ ଗ୍ରାହକଙ୍କ ଚାହିଦାର ବୃଦ୍ଧିକୁ ନଜରରେ ରଖି ଏହି ଭାରତର ୨୬ ତମ ଇଭି ଷ୍ଟୋରକୁ ଓଡିଶାର ବ୍ରହ୍ମପୁରରେ ଖୋଲାଯାଇଛି। ବିଲାଇଭ ଷ୍ଟୋର ଏକାଧିକ ଇଭି ବ୍ରାଣ୍ଡ, ବିଶେଷଜ୍ଞ ସମର୍ଥନ, ସହଜ ଅର୍ଥ ଏବଂ ରୋମାଞ୍ଚକର ଅଫରରୁ ବିଭିନ୍ନ ପ୍ରକାରର ବୈଦ୍ୟୁତିକ ଯାନ ପ୍ରଦାନ କରେ। ବିଭିନ୍ନ ବୈଦ୍ୟୁତିକ ସ୍କୁଟର, ଚକ, ମୋଟରସାଇକେଲ ଏବଂ ବିତରଣ ଯାନ ପାଇଁ କ୍ରେତାମାନେ ଇଏମଆଇରେ ମାସକୁ ୨,୦୦୦ ରୁ କମ୍ ଚୟନ କରିପାରିବେ। ୨୦ ରୁ ଅଧିକ ଫ୍ରାଞ୍ଚାଇଜ୍ ମାଲିକାନା ଷ୍ଟୋରଗୁଡିକର ଏକ ନେଟୱାର୍କ ସହିତ,ବିଲାଇଭ ୨୫୦୦ ରୁ ଅଧିକ ପରିବାର ଏବଂ ବ୍ୟବସାୟକୁ ବୈଦୁତିକ ଯାନ ମାଧ୍ୟମରେ ସାହାଯ୍ୟ କରିଛି। ଷ୍ଟୋରରେ କିନେଟିକ୍ ଗ୍ରୀନ୍, ହିରୋ ଲେକ୍ଟ୍ରୋ, ଡିଟେଲ, ବ୍ୟାଟ୍‌ରେ, ଜେମୋପାଇ, ଟେଟୋ ଇଲେକ୍ଟ୍ରା, ଇ-ମୋଟୋରଡ ଏବଂ ଅନ୍ୟାନ୍ୟ ବୈଦ୍ୟୁତିକ ଯାନ ପ୍ରଦର୍ଶିତ ହୋଇଛି। ଗ୍ରାହକମାନେ ଷ୍ଟାଇଲିସ୍ ଲୁକ୍ ସହିତ ବହୁ ପ୍ରତୀକ୍ଷିତ ହାଇ ସ୍ପିଡ୍ ଇଭିଗୁଡିକ ମଧ୍ୟରୁ ଗୋଟିଏ ଅନୁଭବ କରିପାରନ୍ତି - ବିଲାଇଭର ମଲ୍ଟି ବ୍ରାଣ୍ଡ ଷ୍ଟୋରରେ ବ୍ୟାଟ୍: ପୁନ ଷ୍ଟୋରୀ। ଏହି ସ୍ମାର୍ଟ ଏବଂ ଅଭିନବ ଇ-ବାଇକ୍ ବ୍ୟାଟ୍‌ରେ ଏହାର ରେ ପ୍ରଥମ ଅଟୋସିଇଓ ତଥା ସହ-ପ୍ରତିଷ୍ଠାତା ସମର ଖୋଲକର କହିଛିଁ ଯେ 'ଓଡିଶାରେ ଭଳି ରାଜ୍ୟରେ ଏକ ନୂତନ ମଲ୍ଟି ବ୍ରାଣ୍ଡ ଅଭିଜ୍ଞତା ଷ୍ଟୋର ସହିତ ଆମର ଉପସ୍ଥିତି ବଢାଇବାକୁ ଆମେ ଉତ୍ସାହିତ। ସତ କହିବାକୁ ଗଲେ, ଆମେ ଓଡିଶାରେ ଏହି ପ୍ରକାରର ଜବରଦସ୍ତ ପ୍ରତିକ୍ରିୟା ପାଇବାକୁ ଆଶା କରିନାହୁଁ; ଆମେ ପ୍ରକୃତରେବ୍ରହ୍ମପୁରର ନୂତନ ଷ୍ଟୋର ଲୋକମାନଙ୍କୁ ଇଲେକ୍ଟ୍ରିକ୍ ଗତିଶୀଳତାପାଇଁ ଇଭିଏସ୍ ଷ୍ଟୋର ହୋମ ଡେମୋକୁ ମଧ୍ୟ ସୁଗମ କରିବ ଏବଂ ଗ୍ରାହକଙ୍କୁ ରୋମାଞ୍ଚକର ଅଫର ଏବଂ ସହଜ ଫାଇନାନ୍ସ ବିକଳ୍ପ ବିଷୟରେ ସୂଚନା ପ୍ରଦାନ କରିବ। 'ଜଳବାୟୁ ପରିବର୍ତ୍ତନ ଚିଂଧାରାକୁ ନେଇ ବିଶ୍ୱସ୍ତରୀୟ ସଚେତନତା ସହିତ ବୈଦ୍ୟୁତିକ ଗତିଶୀଳତା ବୃଦ୍ଧି ପାଇଁ ଭାରତର ପ୍ରତିବଦ୍ଧତା ଦ୍ୱାରା ରାଜ୍ୟ ସରକାର ଚଳିତ ବର୍ଷ ପ୍ରାରମ୍ଭରେ ଏହାର ଇଭି ନୀତି ପ୍ରକାଶ କରିଛିଁ ଯାହା ଉଭୟ ବ୍ୟକ୍ତିଗତ ଗତିଶୀଳତା ଏବଂ ସାଧାରଣ ପରିବହନ ବିଭାଗରେ ବୈଦ୍ୟୁତିକ ଯାନ ଗ୍ରହଣକୁ ସମର୍ଥନ କରିବ। ଇଭି ନୀତି ମଧ୍ୟ ସ୍ୱଚ୍ଛ ଶକ୍ତି ଉତ୍ସ ଉପରେ ଧ୍ୟାନ ଦେଇ ଇଲେକ୍ଟ୍ରିକ୍ ଭେଇକିଲ୍ ଚାର୍ଜିଂ ଷ୍ଟେସନ୍ ଏବଂ ବ୍ୟାଟେରୀ ସ୍ୱାପିଂ ଷ୍ଟେସନର ଏକନେଟୱାର୍କ ସୃଷ୍ଟି କରିବାକୁ ସକ୍ଷମ କରିବାକୁ ଚେଷ୍ଟା କରେ ।ଚଳିତ ବର୍ଷ ଫେବୃଆରୀରେ ଘୋଷିତ ହୋଇଥିବା ଇଭି ନୀତି ଅନୁଯାୟୀ ମିଶନ ଶକ୍ତି, ବ୍ୟକ୍ତିବିଶେଷ ତଥା ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ଓଡିଶା ସରକାର ସ୍ୱତନ୍ତ୍ର ଯୋଜନା ଘୋଷଣା କରିଛିଁ। ବ୍ରହ୍ମପୁରରେ ଥିବା ବିଲାଇଭ ଷ୍ଟୋରର ଆଶିଷ ଅଗ୍ରୱାଲ ଏହି ଉନ୍ମୋଚନ ସମ୍ପର୍କରେ ସୂଚନା ଦେଇ କହିଛିଁ, 'ଆମେ ବିଲାଇଭ ସହ ସହଭାଗୀ ହୋଇ ଗର୍ବିତ ଏବଂ ଓଡିଶାରେ ବୈଦ୍ୟୁତିକ ଗତିଶୀଳତାକୁ ଉତ୍ସାହିତ କରିବା ଦିଗରେ ଆମର ପ୍ରତିବଦ୍ଧତା ପ୍ରଦର୍ଶନ କରୁଛୁ। ଇଭିଏସ୍ ଶୀଘ୍ର ଜନତାଙ୍କ ମଧ୍ୟରେ ଆକର୍ଷିତ ହେବାରେ ଲାଗିଛି, ସେମାନଙ୍କର କାର୍ଯ୍ୟଦକ୍ଷତା ଏବଂ ନିର୍ଭରଯୋଗ୍ୟତା ଉପରେ ସାମାନ୍ୟ ଆଶଙ୍କା ଅଛି।

# ଓଡ଼ିଶାରେ ଯୁବ କଂଗ୍ରେସ ପକ୍ଷରୁ ୟଙ୍ଗ୍ ଇଣ୍ଡିଆ କେ ବୋଲ୍ ସିଜିନ-୨ ଶୁଭାରମ୍ଭ

ଭୁବନେଶ୍ୱର (ପିଏନ୍): ଯୁବ କଂଗ୍ରେସ ପକ୍ଷରୁ ରାଷ୍ଟ୍ରୀୟ ଓ ରାଜ୍ୟସ୍ତରୀୟ ଯୁବ ପ୍ରବକ୍ତା ସଂଗ୍ରହ ନିମନ୍ତେ ଭୁବନେଶ୍ୱରରେ 'ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨' ଅଭିଯାନ ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତି ରଂଜନ ଲେଙ୍କା, ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨ର ଓଡ଼ିଶା ପ୍ରଭାରୀ ନମ୍ରତା ସୋନୀ, ଯୁବ କଂଗ୍ରେସ ରାଷ୍ଟ୍ରୀୟ ପ୍ରବକ୍ତା ତଥା ଓଡ଼ିଶା ସହ ପ୍ରଭାରୀ ଜାବେଦ ଖାନଙ୍କ ସମେତ ଯୁବ କଂଗ୍ରେସର ଅନ୍ୟ ପ୍ରଦେଶ ପଦାଧିକାରୀମାନେ ଉପସ୍ଥିତ ରହି ଅଭିଯାନର ଶୁଭାରମ୍ଭ କରିଥିଲେ।

ଏହି ଅବସରରେ ପ୍ରଭାରୀ ନମ୍ରତା ସୋନୀ କହିଲେ ଯେ ୟଙ୍ଗ ଇଣ୍ଡିଆ କେ ବୋଲ ହେଉଛି ଏଭଳି ଏକ କାର୍ଯ୍ୟକ୍ରମ, ଯାହା ମାଧ୍ୟମରେ ଯୁବବର୍ଗ ନିଜ ଅଂଚଳଠାରୁ ଆରମ୍ଭ କରି ଜାତୀୟସ୍ତରୀୟ ବିଭିନ୍ନ ପ୍ରସଙ୍ଗ ଉପରେ ନିଜର ଦୃଢ଼ ମତ ଉପସ୍ଥାପନ କରିବାର ସୁଯୋଗ ପାଇପାରିବେ। ଏହି ପ୍ରକ୍ରିୟା ପାଇଁ ଏକ ଗୁଗୁଲ ଫର୍ମ ଜାରି କରାଯାଇଛି, ଯାହାକି ମେ ୩୧ ସୁଦ୍ଧା ପୂରଣ କରାଯାଇପାରିବ। ଦ୍ୱିତୀୟ ପର୍ଯ୍ୟାୟରେ ଏହି ଅଂଶଗ୍ରହଣକାରୀମାନଙ୍କୁ ନେଇ ଜିଲ୍ଲାସ୍ତରରେ ବିଭିନ୍ନ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯିବ। ଏଥିରେ କୃତୀ ପ୍ରତିଯୋଗୀ ପରେ ରାଜ୍ୟସ୍ତରୀୟ ଏବଂ ବିଭିନ୍ନ ରାଜ୍ୟରୁ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ, ଯାହାକି ଆସନ୍ତା ଅକ୍ଟୋବର ମାସରେ ଅନୁଷ୍ଠିତ ହେବ।

ସହ ପ୍ରଭାରୀ ଜାବେଦ ଖାନ ସୂଚନା ଦେଇ କହିଲେ ଯେ ସାରା ଦେଶରେ ଯୁବ ପ୍ରତିଭା ଓ ସାହସୀ ଯୁବବର୍ଗଙ୍କୁ ଖୋଜି ବାହାର କରିବା ନିମନ୍ତେ ରାହୁଲ ଗାନ୍ଧିଙ୍କ ଅଭିନବ ପରିକଳ୍ପନା ସ୍ୱରୂପ ୟଙ୍ଗ ଇଣ୍ଡିଆ କେ ବୋଲ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ୨୦୨୧ରେ ଭାରତୀୟ ଯୁବ କଂଗ୍ରେସ ପକ୍ଷରୁ ୟଙ୍ଗ ଇଣ୍ଡିଆ କେ ବୋଲ କାର୍ଯ୍ୟକ୍ରମ ମାଧ୍ୟମରେ ୨୭ଜଣ ରାଷ୍ଟ୍ରୀୟ ପ୍ରବକ୍ତା ଓ ୨୫୦ରୁ ଊର୍ଦ୍ଧ୍ୱ ପ୍ରଦେଶସ୍ତରୀୟ ପ୍ରବକ୍ତାଙ୍କୁ ଚୟନ କରାଯାଇଥିଲା। ରାହୁଲ ଗାନ୍ଧିଙ୍କ ଏହି ପରିକଳ୍ପନାକୁ ପୁଣି ଥରେ ସାକାର କରିବା ନିମନ୍ତେ ଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ପ୍ରଭାରୀ କ୍ରିଷ୍ଣା ଆଲାବାରୁଙ୍କ ମାର୍ଗ ଦର୍ଶନ ତଥା ଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ଅଧକ୍ଷ ବି.ଭି ଶ୍ରୀନିବାସଙ୍କ ନେତୃତ୍ୱରେ ଦେଶବ୍ୟାପୀ ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨ ଆରମ୍ଭ ହୋଇଛି। ଗତ ୨୬ ମାର୍ଚ୍ଚରୁ ଯୁବ କଂଗ୍ରେସ ରାଷ୍ଟ୍ରୀୟ କାର୍ଯ୍ୟାଳୟଠାରେ ଉଦ୍‌ଘାଟିତ ହୋଇଥିବା ଏହି ଅଭିଯାନ ବିଭିନ୍ନ ରାଜ୍ୟରେ କରାଯାଉଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସମ୍ପାଦକ ଜ୍ଞାନ ରନ ରାଉତ, ବୀରେନ କୁମାର ଦଳେଇ, ଆଶୁତୋଷ ଲେଙ୍କା, ଶ୍ରୀବତ୍ସ ରଥ, ମନିଷା ଦାଶ ପଟ୍ଟନାୟକ, ରାକେଶ ଦାସ, ରିତୁଲ ମହାରଣା, ସୌମ୍ୟରଂଜନ ମିଶ୍ର, ଅକ୍ଷୟ କୁମାର ମଲ୍ଲ, ହରିଶଙ୍କର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ରକ୍ତଦାତା ସମ୍ବର୍ଦ୍ଧନା ସମାରୋହ: ୧୨୦ ଜଣ ରକ୍ତଦାତାଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର (ପିଏନ୍): କଳିଙ୍ଗନଗର ସେବା ସମିତି ତରଫରୁ ରକ୍ତଦାତା ସମ୍ବର୍ଦ୍ଧନା ସମାରୋହ ଉତ୍ସବ ସ୍ଥାନୀୟ ସାଇ ରେସୋର୍ଟଠାରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରକୁ ଓଡିଶାର କୋଣ ଅନୁକୋଣରୁ ଆସୁଥିବା ରୋଗୀମାନଙ୍କୁ ପ୍ରତ୍ୟକ୍ଷ ଭାବେ ରକ୍ତଦାନ କରୁଥିବା ବନ୍ଧୁମାନଙ୍କୁ ଏହି କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଛି। ଏହି ସମ୍ବର୍ଦ୍ଧନା ସମାରୋହରେ ଯେଉଁମାନେ ତିନିଥରରୁ ଅଧିକ ଥର ରକ୍ତଦାନ କରି ଅନ୍ୟର ଜୀବନ ବଂଚାଇବାରେ ସାହାଯ୍ୟ କରିଛନ୍ତି, ସେହିପରି ରକ୍ତଦାତାଙ୍କୁ ସମ୍ବର୍ଦ୍ଧନା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଆମ୍ରି ହସ୍ପିଟାଲର ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡ. ସିଦ୍ଧାର୍ଥ ମିଶ୍ର ମୁଖ୍ୟ ଅତିଥି, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡିଶା ପୂର୍ବ ପ୍ରାନ୍ତର ପ୍ରାନ୍ତପ୍ରଚାରକ ଶ୍ରୀ ବିପିନ୍ ପ୍ରସାଦ ନନ୍ଦ ମୁଖ୍ୟବକ୍ତା ଓ ସଂଘର ମହାନଗର ସଂଘଚାଳକ ଡ. ବସନ୍ତ କୁମାର ପତି ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ୧୨୦ ଜଣ ରକ୍ତଦାତାଙ୍କୁ ଆୟୁର୍ବେଦିକ ବୃକ୍ଷ, ମାନପତ୍ର ଦେଇ ସମ୍ମାନୀତ କରିଥିଲେ।




# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication




# କୁକୁଡାଖଣ୍ଡି ଠାରେ ରାଜସ୍ୱ ମେଳା ଆୟୋଜିତ

କୁକୁଡାଖଣ୍ଡି (ଇପିଲି ପୂର୍ଣ୍ଣଚ଼ନ୍ଦ୍ର),(ପି.ଏନ):କୁକୁଡାଖଣ୍ଡି ତହସିଲ ତରଫରୁ ରାଜସ୍ୱ ମେଳା ଏବଂ ଗ୍ରାମ କଣ୍ଠ ପଟ୍ଟା ବର୍ଣ୍ଟନ କାର୍ଯ୍ୟକ୍ରମ ସ୍ଥାନୀୟ ମିନିଷ୍ଟାଡ଼ିୟମ ଠାରେ ଶୁକ୍ରବାର ପୂର୍ବପ୍ନରେ ଅନୁଷ୍ଠିତ ହୋଇଛି । ଏଥିରେ ଆୟୋଜକ ତଥା କୁକୁଡ଼ାଖଣ୍ଡି ତହସିଲଦାର ଶ୍ରୀଯୁକ୍ତ ସପନ କୁମାର ସାହୁ ମଞ୍ଚ ପରିଚ଼ାଳନା କରିଥିଲେ ।ପଟ୍ଟା ବର୍ଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବ୍ରହ୍ମପୁର ସାଂସଦ ଶ୍ରୀଯୁକ୍ତ ବନ୍ଦ୍ରଶେଖର ସାହୁ ସମ୍ମାନିତ ଅତିଥି ରୂପେ ବ୍ରହ୍ମପୁର ବିଧାୟକ ତଥା ଗଞ୍ଜାମ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଶ୍ରୀଯୁକ୍ତ ବିକ୍ରମ କୁମାର ପଣ୍ଡା, ସମ୍ମାନିତ ଅତିଥି କୁକୁଡ଼ାଖଣ୍ଡି ପଞ୍ଚାୟତ ସମିତି ଅଧକ୍ଷ ଶ୍ରୀଯୁକ୍ତ କାମାକ୍ଷା ପ୍ରସାଦ ପାତ୍ର, ଉପଜିଲ୍ଲାପାଳ ଶ୍ରୀଯୁକ୍ତ ଆଶୁତୋଷ କୁଲକର୍ଣି ,କୁକୁଡାଖଣ୍ଡି ବିଡ଼ିଓ ଡକ୍ଟର ପଲ୍ଲବୀ ସ୍ୱାଇଁ, ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ପାତ୍ର ମଞ୍ଚାସୀନ ରହିଥିଲେ । ସର୍ବପ୍ରଥମେ ଅତିଥି ମାନଙ୍କ ଦ୍ୱାରା ଶ୍ରୀଜଗନ୍ନାଥ ଠାରେ ଦୀପ ପ୍ରଜ୍ୱଳନ କରିବା ସହ ପଟ୍ଟା ବର୍ଣ୍ଟନ କାର୍ଯ୍ୟକ୍ରମ କରାଯାଇଥିଲା । ଏଥିରେ ସମୁଦାୟ ୨୨ ଗୋଟି ପଞ୍ଚାୟତର ୩୧୪ ଖଣ୍ଡ ଘରବାରି ପଟ୍ଟା ଦର୍ଣ୍ଟନ କରାଯାଇଥିଲା । ଏହି ରାଜସ୍ତ ମେଳାରେ ମୁଖ୍ୟ ଅତିଥି ରାଜ୍ୟ ସରକାରଙ୍କର ଲୋକାଭିମୁଖୀ ଯୋଜନାକୁ ପ୍ରଶଂସା କରିବା ସହିତ ବହୁବର୍ଷଧରି ଯେଉଁ ଲୋକମାନେ ନିଜ ଘରର ପଟ୍ଟା ପାଇବାରୁ ବଞ୍ଚିତ ରହୁଥିଲେ । ଏବଂ ବିଭିନ୍ନ ସମସ୍ୟାର ସମ୍ମୁଖିନ ହୋଇ ଆସୁଥିଲେ ସେମାନଙ୍କ ପାଇଁ ଖୁସିବ୍ୟକ୍ତ କରିବା ସହିତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ଏହାସହ ଗଞ୍ଜାମ ଜିଲ୍ଲା ପ୍ରଶାସନ ଏବଂ କୁକୁଡ଼ାଖଣ୍ଡି ତହସିଲକୁ ଧନ୍ୟବାଦ ଜଣାଇଥିଲେ । ଠିକ୍ ସେହିପରି ଅନ୍ୟାନ୍ୟ ସମ୍ମାନିତ ଅତିଥି ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ବିକ୍ରମ କୁମାର ପଣ୍ଡା କୁକୁଡ଼ାଖଣ୍ଡି ତହସିଲ ତରଫରୁ ନିଆଯାଇଥିବା ଲୋକାଭିମୁଖୀ ପଦକ୍ଷପକୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ତ୍ରୁଟିଶୂନ୍ୟ ରାଜସେବା ଯୋଗାଇବା ପ୍ରକ୍ରିୟାକୁ ବଳବତ୍ତର ରଖିବାକୁ ପରାମର୍ଶ ଦେଇଥିଲେ । ଠିକ୍ ସେହିପରି ଗୋଟିଏ ସ୍ଥାନରେ ପିଢିପରେ ପିଢି ବସବାସକରି ଅସୁଥିଲେ ମଧ ବ୍ୟାଙ୍କ ଋଣଭଳି ଅନ୍ୟାନ୍ୟ ସରକାରୀ ସୁବିଧାର ଲାଭ ଉଠାଇ ପାରୁ ନଥିବା କିତାଧିକାରୀ ମାନେ ଆଜି ଘରକାରି ପଟ୍ଟା ପାଇଥିବାରୁ ଉପଜିଲ୍ଲାପାଳ ଶ୍ରୀଯୁକ୍ତ କୁଲକର୍ଣ୍ଣ ଖୁସିବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷ ଏବଂ ଉପାଧକ୍ଷା ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ସରକାରଙ୍କର ଏହି ସୁଦୂର ପ୍ରସାରି ଲୋକ ସେବାକୁ ତ୍ରୁଟିଶୂନ୍ୟ ଭାବେ ହିତାଧିକାରୀଙ୍କ ପାଖରେ ତହସିଲ୍ କାର୍ଯ୍ୟାଳୟ ପହ ?ଞ୍ଚାଇପାରିଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ । ତହସିଲ ସବୁ କର୍ମଚ଼ାରୀଙ୍କ ଉଦ୍ୟମ ଯୋଗୁଁ ଏତେ ସଂଖ୍ୟକ ପଟ୍ଟା ପ୍ରସ୍ତୁତ କରି ଏହି ରାଜସ୍ୱମେଳା ଆୟୋଜିତ କରାଇପାରିଥିବାରୁ ତହସିଲଦାର ଶ୍ରୀଯୁକ୍ତ ସପନ କୁମାର ସାହୁ ପ୍ରାରମିକ ସୂଚ଼ନାରେ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ଏହା ସହିତ ଲୋକମାନେ ତହସିଲ 'ଇ-ଗର୍ଭବାସ' ମାଧ୍ୟମରେ କିପରି ସମସ୍ତ ରାଜ ସେବାର କିପରି ଲାଭ ଉଠାଇବେ ଏବଂ ରାଜସ୍ୱ ସେବାକୁ ଘରେବସି ନିଜର କମ୍ପୁଟର ବା ମୋବାଇଲ୍ ମାଧ୍ୟମରେ ସେବା ପାଇବେ ସେବିଷୟରେ ସୂଚ଼ନା ଦେଇଥିଲେ । ଏଥି ମାଧ୍ୟମରେ ଅନ୍ ଲାଇନ୍ ମାଧ୍ୟମରେ ସାତ ଦିନ ମଧ୍ୟରେ ଜାକସେବା ମାଧ୍ୟମରେ ପଟ୍ଟା ପ୍ରଦାନ, ଇ-ପାଉତି ମାଧ୍ୟମରେ ଖଜଣା ପୈଠ, ନିଜର କାଟି, ଆୟ, ତଥା ବାସିନ୍ଦା ପ୍ରମାଣପତ୍ର ଦଶ ଦିନ ମଧ୍ୟରେ ପାଇପାରିବେ ସେ ବିଷୟରେ ଲୋକମାନଙ୍କୁ ସମ୍ୟାକ ଧାରଣା ଦେଇ ଲୋକେ କିପରି ଘରେବସି ରାଜସେବା ପାଇପାରିବେ ସେ ବିଷୟରେ ସୂଚ଼ନା ଦେଇଥିଲେ । ଓଡ଼ିଶା ସରକାରଙ୍କ ୫-ଞ୍ଚ, ମୋସରକାରଙ୍କ ଅନୁକୁଲ୍ୟରେ ଲୋକମାନଙ୍କୁ କିଭଳି ହାତ ପାଅନ୍ତରେ କିପରି ରାଜସ୍ୱ ସେବା ମଳୁଛି ଓ ଲୋକମାନଙ୍କୁ ବାରମ୍ବାର ତହସିଲ ଆସିବାକୁ ପଡୁନି ଏହାହିଁ ରାଜସ୍ୱ ମେଳାର ଉଦ୍ଦେଶ୍ୟ ବୋଲି ତହସିଲଦାର ଶ୍ରୀ ସାହୁ ସମସ୍ତଙ୍କୁ ସୂଚ଼ନା ଦେଇଥିଲେ । ଅତିରିକ୍ତ ତହସିଲଦାର କୁମାରି ଶୁଭତା ଦାସ ମଞ୍ଚ ପରିଚ଼ାଳନା କରିଥିଲେ ଓ ଅତିରିକ୍ତ ତହସିଲଦାର କୁମାରି ସ୍ୱାଗତିକା ରଥ ଅତିଥିମାନେ ତାଙ୍କର ବହୁମୂଲ୍ୟ ସମୟ ଦେଇ ସଭାକୁ ସାଫଲ୍ୟ ମଣ୍ଡିତ କରିଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ । ଦୁଇ ରାଜସ୍ତ ପରିଦର୍ଶକଙ୍କ ସମେତ ତହସିଲର ସମସ୍ତ କର୍ମକର୍ତ୍ତା ସଭା ପରିଚ଼ାଳନାରେ ସହଯୋଗ କରିଥିଲେ । ଏହି ରାଜସ୍ୱ ମେଳାରେ କୁକୁଡ଼ାଖଣ୍ଡି ତହସିଲ ଅଞ୍ଚଳରୁ ୫୦୦ ରୁ ଉଦ୍ଧ ଜନସାଧାରଣଙ୍କ ସହିତ ୨୨ ଟି ପଞ୍ଚାୟତର ସରପଞ୍ଚ ଏବଂ ସମିତିସଭ୍ୟ ମାନେ ଉପସ୍ଥିତ ଥିଲେ ।



ଲୋକ ସେବକ ମଣ୍ଡଳର ଓଡିଶା ଶାଖା ଅଧ୍ୟକ୍ଷ ଏବଂ ସମାଜର ମୁଦ୍ରାକାର ଓ ପ୍ରକାଶକ ନିରଞ୍ଜନ ରଥଙ୍କୁ ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ଡ଼ଃ ଅରୁନ୍ଧତୀ ଦେବୀ ଏବଂ ଓ୍ୱାର୍ଲଡ ଓଡିଶା ସୋସାଇଟି ର ସାଂସ୍କୃତିକ ସାଧାରଣ ସମ୍ପାଦକ କାବେରୀ ବେହେରା ସମ୍ମାନାସ୍ପଦ ବିଳାଶୁଣୀ ସମ୍ମାନ-୨୦୨୩ ପ୍ରଦାନ କରୁଛନ୍ତି ।

# ଇଂରାଜୀ ନୂଆ ବର୍ଷ ଓ ଆମେ

**ଭାସ୍କର ବାରିକ୍**

ଆମେ ଆମ ଘରର ଝରକା କବାଟ ଖୋଲା ରଖିବା । ଦେଶ ବିଦେଶର ସବୁ ସଭ୍ୟତା, ସଂସ୍କୃତି, ଧର୍ମର ପବନ ଆମ ଘର ଭିତରକୁ ଆସୁ କିନ୍ତୁ ଆମ ନିଜସ୍ୱ ଧର୍ମ ଓ ସଂସ୍କୃତି ପାଖରୁ ଆମ ପାଦ ଯେମିତି ହଟି ନଯାଉ ସେଥିପ୍ରତି ଯଥେଷ୍ଟ ଯତ୍ନଶୀଳ ହେବା । ଆସିଛି ନୂତନ ଇଂରାଜୀ ବର୍ଷ ୨୦୨୪ । ଏହି ଉପଲକ୍ଷେ ଆପଣମାନଙ୍କୁ ଅନେକ ଶୁଭେଚ୍ଛା ଓ ଶୁଭକାମନା । ଇଂରାଜୀ ନୂଆ ବର୍ଷ ପାଇଁ କେତେ ଭୋଜିଭାତ, ଆନନ୍ଦ ଉଲ୍ଲାସ,ଡିଜେ ବାଜା ସାଙ୍ଗକୁ ଉଦଣ୍ଡ ନୃତ୍ୟ ସବୁଠି । ବୋତଲ ପରେ ବୋତଲ ସଫା । ଆହା,କି ଖୁସି,କି ଆନନ୍ଦ !!! ଜିରୋ ନାଇଟ୍ ସେଲିବ୍ରେସନ । ଫୋନ୍ ରେ,ହ୍ୱାଟସଆପ୍ ରେ ଶୁଭେଚ୍ଛା ବାର୍ତ୍ତା । କିଛି ଅସୁବିଧା ନାହିଁ ଏଥିରେ । ଆମେ ବିଶ୍ୱାସ କରୁଛୁ ସମଗ୍ର ବିଶ୍ୱ ଏକ ପରିବାର । ବିଶ୍ୱାସ କରୁଛୁ ବସୁଧୈବ କୁଟୁମ୍ବକମ୍ ର ମହାନତାରେ । କିନ୍ତୁ କଥା ହେଉଛି ଆମେ ଯେମିତି ଇଂରାଜୀ ନବବର୍ଷ କୁ ଧୁମଧାମରେ ପାଳନ କରୁଛୁ , ସେମିତି ନିଜର ନିଜସ୍ୱ ନୂଆ ବର୍ଷ ପଣା ସଂକ୍ରାନ୍ତି ଦିନ ଆମେ ସତରେ କେତେ ଖୁସି ହେଉଛୁ ? ଆମ ମନ ଭିତରେ ଆସେ କି ଇଂରାଜୀ ନୂଆ ବର୍ଷ ପରି ଉଦ୍ଦୀପନା ? ଆମ ଭିତରୁ କେତେଜଣ ସେଦିନ ପାଖ ମନ୍ଦିରକୁ ଯାଇ ସମାଜର ମଙ୍ଗଳ ଓ ଶାନ୍ତି ପାଇଁ ପ୍ରାର୍ଥନା କରନ୍ତି ? ଶୁଭେଚ୍ଛା ବାର୍ତ୍ତା ଆଦାନ ପ୍ରଦାନ କରନ୍ତି ? ଭୋଜିଭାତର ଆୟୋଜନ କରନ୍ତି ? ହୁଏ ,କିନ୍ତୁ ଇଂରାଜୀ ନୂଆ ବର୍ଷ ଭଳି ନୁହେଁ । ଆମ ପାଦ ଟିକେ ନିଜର ମହାନ ପରମ୍ପରା ଓ ସଂସ୍କୃତି ପାଖରୁ ଦୂରେଇ ଯାଇନି ତ ? ଯଦି ହଁ, ତାହେଲେ ତ ଆମ ଭୂଖଣ୍ଡର ନିଜର ସଭ୍ୟତା ସଂସ୍କୃତି ନିମ୍ନଗାମୀ ହେଉଛି ବୋଲି ଧରି ନିଆଯିବ । ଚ଼କମକ ଦେଖାଯାଉଥିବା ବେଙ୍ଗି ପିତଳକୁ ସୁନା ଭାବି ଆମେ ଆପଣେଇ ନେଉଛୁ ଯେତେବେଳେ ବିଶ୍ୱର ଅନେକ ସଭ୍ୟତା ଆମର ସର୍ବପୁରାତନ ହୀରାର ସଂସ୍କୃତିକୁ ଆଦରି ନେବାକୁ ଆଗଭର । ଏମିତି କାହିଁକି ହେଉଛି । କାହିଁକି ଆମେ ଭୁଲି ଭୁଲି ଯାଉଛୁ ଆମ ପ୍ରଥା ପରମ୍ପରା ସଭ୍ୟତା ସଂସ୍କୃତି କୁ ? ଆମ ପର୍ବ ପର୍ବାଣୀ ମାନସ ପଟରୁ ଧିରେ ଧିରେ ଲିଭି ଲିଭି ଯାଉଛି । ଏହାର ପଛରେ କାରଣ ସବୁ କ'ଣ ? କାରଣ ସବୁ ଲୁଚ଼ି ରହିଛି ଆମ ମାନସିକତାରେ । ଛୋଟବେଳୁ ପିଲାଙ୍କୁ ଅତ୍ୟାଧୁନିକତାର ତଣ୍ଟିକଟା ପ୍ରତିଯୋଗୀତାରେ ପଶୁଙ୍କ ଭଳି ସାମିଲ୍ ହେବାକୁ ବାଦ୍ଧ୍ୟ କରୁଛୁ । ଶୈଶବ କୁ ଉପଭୋଗ କରିବାକୁ ଦେଉନୁ । ଟିକିଏ କଥା କହି ଶିଖିବା ପରେ ପ୍ଲେ ସ୍କୁଲରେ ଭର୍ତ୍ତି କରି ଦେଉଛୁ । ମାତୃଭାଷା ବଦଳରେ ବିଦେଶୀ ଭାଷାରେ ଶିକ୍ଷା ଦେଉଛୁ । ଦେଶପ୍ରେମ ,ଭାଇଚ଼ାରା ,ସଂସ୍କୃତି ବିଷୟରେ ଶିକ୍ଷା ଦେବା ବଦଳରେ ପୁସ୍ତକ କୀଟ କରି ଦେଉଛୁ। ବହିରେ ଯାହା ଲେଖା ଯାଇଛି ଘୋଷି ଦେଇ ପରୀକ୍ଷାରେ ଶତ ପ୍ରତିଶତ ନମ୍ବର ଆଣିଲେ ହେଲା । ଆମ ମହାନ ଧର୍ମଗ୍ରନ୍ଥ ପଢିବାକୁ ଉତ୍ସାହିତ କରିବା ବଦଳରେ ହେରି ପୋର୍ଟର ଦେଉଛୁ ପଢ଼ିବା ପାଇଁ । ନିଜ ମାଟିର ମହାପୁରୁଷଙ୍କ କଥା ପିଲାଙ୍କୁ କହୁନୁ । ବୀର ଅର୍ଜୁନ,କର୍ଣ, ପ୍ରଭୁ ଶ୍ରୀକୃଷ୍ଣଙ୍କ ବିଷୟରେ ପଢ଼ିବାର ବିଶେଷ ସୁଯୋଗ ନାହିଁ ପିଲା ପାଇଁ । ପିଲା ପଢୁଛି ମୋଗଲ ସାମ୍ରାଜ୍ୟର ଇତିହାସ, ଖିଲ୍ଜି ଡାଇନାଷ୍ଟିର କଳଙ୍କିତ ଅଧ୍ୟାୟ , ଦୁଇଶହ ବର୍ଷ ଶାସନ କରିଥିବା ଇଂରେଜ ଶାସନର ଇତିହାସ । ଅତୀତର ଇତିହାସ ପଢ଼ିବା ବି ଜରୁରୀ। କିନ୍ତୁ ଏଥିରେ କ'ଣ ଆମ ନୂଆ ବର୍ଷ , ହନୁମାନଙ୍କ ଜୟନ୍ତୀ ବିଷୟରେ ଲେଖାଯାଇଅଛି କି । ' ଆହେ ଦୟାମୟ ବିଶ୍ୱବିହାରୀ, ଘେନ ଦୟାବହି ମୋର ଗୁହାରୀ,' ଭଳି ପ୍ରାର୍ଥନାର ସମ୍ମିଳିତ ସୁମଧୁର ଶାନ୍ତି ପ୍ରଦାୟକ ସ୍ୱର ଆଉ ଶୁଭୁନି ପ୍ରାର୍ଥନା ଶ୍ରେଣୀରେ । ଯିଏ ଯେତେ ଭଲ ବିଦେଶୀ ଭାଷା କହି ପାରୁଛି,ଲେଖି ପାରୁଛି , ତା'ର ସମ୍ମାନ ସେତେ ଅଧିକ । ନିଜ ମାତୃଭାଷାରେ ଖାଲି ଟିକେ ବଙ୍କାତେଢା ଦସ୍ତଖତ ଶିଖିଗଲେ ହେଲା । ବିଶ୍ୱର ଅନେକ ବିଦେଶୀ ଭାଷା ପିଲା ଶିଖନ୍ତୁ , ପଢନ୍ତୁ, ପ୍ରତିଯୋଗିତା ମୂଳକ ସଂସାରରେ ନିଜକୁ ଆଗକୁ ନିଅନ୍ତୁ ଏଥିରେ କିଛି ଅସୁବିଧା ନାହିଁ । କିନ୍ତୁ ନିଜ ମାତୃଭାଷା ଓ ମାତୃଭୂମିକୁ ହୃଦୟରେ ରଖନ୍ତୁ । ଛୋଟ ବେଳୁ ମାଆ ଓ ମାତୃଭାଷା , ନିଜ ସମାଜର ଚ଼ାଲିଚ଼ଳଣି, ପର୍ବ ପର୍ବାଣୀ ବିଷୟରେ ପିଲା ଶିକ୍ଷା ନପାଇଲେ କେମିତି ଶିଖିବ । ପିଲା ଶିଖିବାର ତିନିଟି ବାଟ ବୋଲି ମୋର ବ୍ୟକ୍ତିଗତ ଚ଼ିନ୍ତାଧାରା , ନିଜ ପରିବାର , ସମାଜ ଓ ଶିକ୍ଷା ବ୍ୟବସ୍ଥା । ପିଲା ନିଜ ପରିବାରରୁ ଶିଖେ ସଂସ୍କାର, ଭଲପାଇବା, ପରୋପକାର, ସ୍ନେହ, ଶ୍ରଦ୍ଧା ,ଦୟା ଭଳି ମହତ ମଣିଷପଣିଆର ଗୁଣ । ଜେଜେମା ପାଖରୁ ଶୁଣେ ନାନା ଅଶରନ୍ତି ଗପର ପେଡ଼ି । ବାସ୍ତବ ଜୀବନରୁ ବାହାରି କିଛି ସମୟ ପାଇଁ ହେଉ ପଛେ, ଉଡିବୁଲେ କଳ୍ପନାର ସୀମାହୀନ ଇଲାକାରେ ।ସମାଜରୁ ଶିଖେ ସମସ୍ତଙ୍କୁ ନେଇ ସୁସ୍ଥ ଶାନ୍ତିପୂର୍ଣ୍ଣ ଜୀବନ ଜିଇଁବାର କଳାକୌଶଳ । ବିଦ୍ୟାଳୟ ରେ ପାଠ ପଢିବା ସହିତ ବନ୍ଧୁତା, ଆଗକୁ ବଢିବା ପାଇଁ ମୂଲ୍ୟବାନ ପ୍ରତିଯୋଗୀତା ମନୋଭାବ, ଶିକ୍ଷାଦାନ କରୁଥିବା ପୂଜ୍ୟ ଶିକ୍ଷକ ମାନଙ୍କ ପ୍ରତି ସମ୍ମାନ ବୋଧ , ଆଜ୍ଞାଧିନତା ଓ ଦେଶ ବିଦେଶର ଅନେକ କଥା । କିନ୍ତୁ ହାୟ !!! ଆଜିର ସୁବିଧାବାଦୀ ସ୍ୱାର୍ଥପର ଦୁନିଆଁରେ ଆମେ ସମସ୍ତେ କେବଳ ପାର୍ଥିବ ସମୃଦ୍ଧି ପଛରେ ଧାଇଁ ଧାଇଁ ହାଲିଆ । ଆମେ ଭୁଲି ଯାଉଛୁ ଟଙ୍କା କେବେ ଶାନ୍ତି ସୁଖ ନିଦ୍ରା ଦେଇ ପାରିବ ନାହିଁ । ଦେଶର ଭବିଷ୍ୟତ ପିଢ଼ିଙ୍କୁ ନିଜ ଭୂଖଣ୍ଡର ମହନୀୟତା ସଂପର୍କରେ ଅବଗତ କରେଇବା ଆମର କର୍ତ୍ତବ୍ୟ । ଦେଶର ଦୃଢ଼ତା ଓ ପ୍ରଗତି ପାଇଁ ଏହା ଅତ୍ୟନ୍ତ ଜରୁରୀ । ଆଗ ଭଳି ଆମ ନିଜ ପର୍ବ ପାଳନର ମଜା ଉଭେଇ ଗଲାଣି । ମକର, ହୋଲି, ନୂଆଖାଇ, ଦୀପାବଳିରେ କିଛିଟା ଖୁସି ମିଳୁଛି । ବିଦେଶୀ ଭାଷା ବିଦ୍ୟାଳୟରେ ପାଠପଢୁଥିବା ପିଲାମାନେ ତ ପ୍ରଭୁ ବିଦ୍ୟାଦାତା ଗଣେଶ ଓ ବିଦ୍ୟାଦାତ୍ରୀ ମାଆ ସରସ୍ୱତୀଙ୍କୁ ଭୁଲି ଗଲେଣି । ହୋଲିରେ ରଙ୍ଗ ଖେଳରେ ଅଯଥା ଜଳ ନଷ୍ଟ ହେଉଛି ବୋଲି କିଛି ଲୋକ ବିରୋଧ କରୁଥିବାର ଖବର ବେଳେ ବେଳେ ଶୁଣିବାକୁ ମିଳେ । ଦୀପାବଳିରେ ବାଣ ଫୁଟେଇଲେ କିଛି ସେଲିବ୍ରିଟି ଙ୍କ କୁକୁର ଡରୁଛନ୍ତି ବୋଲି ସେମାନେ ମତ ଦିଅନ୍ତି । ସନାତନ ସଂସ୍କୃତି ଉପରେ ସବୁବେଳେ ଆକ୍ରମଣ କ'ଣ ପାଇଁ ? ଅନ୍ୟ କାହାର ସଂସ୍କୃତି ଉପରେ ତ କାହାରି ପାଟି କାହିଁ ବିଶେଷ ଖୋଲୁନି । ଦେଶକୁ ଟୁକୁଡା ଟୁକୁଡା କରିବାର ନାରାବାଜି କରୁଥିବା ଲୋକଙ୍କ ସପକ୍ଷରେ ଅନେକ ବୟାନ ବାଜି କରୁଛନ୍ତି । ଯେ ନିଜର ମାଟି,ମାଆ ଓ ଦେଶକୁ ଭଲ ପାଇବା ଶିଖିନି , ତାକୁ କ'ଣ ଭଲ ମଣିଷ କୁହା ଯାଇ ପାରିବ ? ଏସବୁ ନିଶ୍ଚିତ ଆମର ଅପାରଗତା ଓ ବଦଳୁଥିବା ମନୋଭାବକୁ ସୂଚ଼ାଉଛି । ବଦଳିବା ସୃଷ୍ଟିର ଏକ ଚ଼ିରନ୍ତନ ପ୍ରକ୍ରିୟା । କିନ୍ତୁ ତା ଅର୍ଥ ନୁହେଁ ଯେ ନିଜଠୁଁ ନିଜକୁ ଦୂରେଇ ରଖିବା । ଗୋଟେ ମେଣ୍ଢା ଯେଉଁ ବାଟରେ ଯାଏ,ଦଳକଯାକ ମେଣ୍ଢା ସେହି ରାସ୍ତାରେ ଯାଆନ୍ତି । ମଣିଷ ସମାଜର ଶ୍ରେଷ୍ଠ ପ୍ରାଣୀ । ଈଶ୍ୱର ଆମକୁ ବୁଦ୍ଧି ବିବେକ ସବୁକିଛି ଦେଇଛନ୍ତି । ତେଣୁ ଈଶ୍ୱରଙ୍କ ପ୍ରଦତ୍ତ ବୁଦ୍ଧି ବିବେକ ଖଟେଇ କେଉଁଟା ଭୁଲ୍ କେଉଁଟା ଠିକ୍ ଆମେ ବିଚ଼ାର କରିବା ଉଚ଼ିତ । ଅନୁକରଣ କରିବାରେ ବିଶେଷ ଅସୁବିଧା ନାହିଁ କିନ୍ତୁ ସଂପୂର୍ଣ୍ଣ ହନୁକରଣ କରିବା ହାସ୍ୟାସ୍ପଦ ।ଇଂରାଜୀ ନୂଆ ବର୍ଷ ପାଳନ ହେଉ, ସମସ୍ତେ ଖୁସି ହୁଅନ୍ତୁ ନହେଲେ ଜୀବନର ସରସତା କମିଯିବ ଯେ । କିନ୍ତୁ ଯେମିତି ଭାବରେ ଇଂରାଜୀ ନୂଆ ବର୍ଷ ପାଳନ ହେଉଛି , ସେମିତି ଆମେ ଆମ ନିଜର ନୂଆ ବର୍ଷକୁ , ପ୍ରଭୁ ମହାବୀର ହନୁମାନ ଜୟନ୍ତୀ କୁ ହର୍ଷ ଉଲ୍ଲାସ ଓ ଭକ୍ତିର ସହିତ ପାଳନ କଲେ, ଏ ଦେଶର ଗୌରବ ନିଶ୍ଚିତ ବଢିବ । ଭୁଲ୍ ଠିକ୍ ର ବିଚ଼ାର କରିବେ ଆପଣମାନେ । ଏ ମହାନ ଦେଶର ପ୍ରଗତି ଓ ମହାନ ପବିତ୍ର ସଂସ୍କୃତିର ବାର୍ତ୍ତା ବହନ କରିବେ ଆମ ଭବିଷ୍ୟତ ପିଢ଼ି । ତେଣୁ ସେମାନଙ୍କୁ ଠିକ୍ ରାସ୍ତା ଦେଖେଇବା ଓ ଭଲ କଥା ଶିଖେଇବା ନିର୍ଭରଶୀଳ ଆମ ପରିବାର, ସମାଜ ଓ ଶିକ୍ଷା ବ୍ୟବସ୍ଥା ଉପରେ । ଯଦି କେଉଁଠି ଭୁଲ୍ ରହି ଯାଉଛି, ତାକୁ ସୁଧାରିବା ଦାୟିତ୍ୱ ଆମ ସମସ୍ତଙ୍କର ନହେଲେ ସମୟ ଆସିବ ଆମ ସଂସ୍କୃତି ଚୁଲିରେ ପାଉଁଶ ହେଇଯାଇଥିବ ଆଉ ଆମେ ଖାଲି ଆଉ କାହା ପଛରେ ଗୋଡ଼ ?ଇ ଚ଼ାଲିଥିବା । ଭୁଲି ଯିବାନି ଯେ ମାଗିକରି ଅଣାଯାଇଥିବା ତରକାରି ସୁଡୁକାଏ ବୋଲି । ଅନ୍ୟର ସୁଆଦିଆ ମାଉଁସ ଝୋଳ ଠାରୁ ନିଜ ଘରର ଶାଗ ପଖାଳ ବହୁତ ଭଲ । ଆଉଥରେ ଆପଣମାନଙ୍କୁ ଇଂରାଜୀ ନବବର୍ଷର ଶୁଭେଚ୍ଛା ଓ ଆସୁଥିବା ଆମ ନିଜର ନୂଆ ବର୍ଷ ପଣା ସଂକ୍ରାନ୍ତି ଉପଲକ୍ଷେ ପ୍ରଭୁ ହନୁମାନଙ୍କ ପାଦତଳେ କୋଟି ପ୍ରଣାମ ଜଣାଇ ବିଶ୍ୱର ଶାନ୍ତି ପାଇଁ ପ୍ରାର୍ଥନା ।

ଓଁ ସର୍ବେ ? ଭବନ୍ତୁ ସୁଖିନଃ
ସର୍ବେ ? ସନ୍ତୁ ନିରାମୟଃ
ସର୍ବେ ? ଭଦ୍ରାଣି ପଶ୍ୟନ୍ତୁ
ମା କଶ୍ଚିଦ୍ ଦୁଃଖଭାଗ ଭବେତ
ଓଁ ଶାନ୍ତି ଶାନ୍ତି ଶାନ୍ତିଃହି ।

ବାସୁଦେବପୁର,ଭଦ୍ରକ
ଦୂରଭାଷ ୯୪୩୭୩୨୦୩୫୦



ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
पर्यवेक्षक

Bhubaneswar Saturday January 06, 2024 ଭୁବନେଶ୍ୱର ଶନିବାର, ଜାନୁଆରୀ ୦୬,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ଲକ୍ଷ୍ମୀ ମାଝି ହତ୍ୟାକୁ ନିନ୍ଦା କରି ଆଦିବାସୀ ସଂଘ ଏବଂ ବ୍ଲକ ସର୍ବଦଳୀୟ ପକ୍ଷରୁ କାଶୀପୁର ବ୍ଲକ ବନ୍ଦ ଡାକରା ସଫଳ !




ଭୁବନେଶ୍ୱର,(ପି.ଏନ): ଲକ୍ଷ୍ମୀ ମାଝୀଙ୍କ ହତ୍ୟା ଘଟଣକୁ ୧୬ ଦିନର ବିଳମ୍ବ ଏବଂ ପୋଲିସ ର କାର୍ଯ୍ୟକଳାପ କୁ ସଂନ୍ଦେହେ କରି ଆଦିବାସୀ ଝିଅକୁ ତୁରନ୍ତ ନ୍ୟାୟର ଦାବିରେ କାଶୀପୁର ବ୍ଲକ ଆଦିବାସୀ ସଂଘ ଏବଂ ବ୍ଲକ ମିଳିତ ସର୍ବଦଳୀୟ ପକ୍ଷରୁ ବ୍ଲକ ର ବିଭିନ୍ନ ଅଞ୍ଚଳ ରେ ଟାଏର ଜାଳିବା ସହ ରାସ୍ତାରୋକ ଘଟଣା ରେ ମୃତ ଲକ୍ଷ୍ମୀମାଝିଙ୍କ ପ୍ରତି ତୁରନ୍ତ ନ୍ୟାୟ ପ୍ରଦାନ ପାଇଁ ଅଖଚ୍ଖ ବନ୍ଦ ହୋଇ ଥିଲା। ଏବଂ ବ୍ୟବସାୟ ପ୍ରତିଷ୍ଠାନ ସବୁ ସକାଳ ୬ ଘଣ୍ଟା ଠାରୁ ସନ୍ଧ୍ୟା ୬ ଘଣ୍ଟା ପର୍ଯ୍ୟନ୍ତ ସମ୍ପୁର୍ଣ୍ଣ ଭାବେ ପ୍ରଭାବିତ ହେଇଥିବା ବେଳେ ଲକ୍ଷ୍ମୀ ମାଝିଙ୍କ ପ୍ରତି ହେଇଥିବା ଅବିଚ୍ାର ର ଉଚ୍ିତ ନ୍ୟାୟ ସକାଶେ ସିବିଆଇ କୁ ତଦନ୍ତ ପାଇଁ କାଶୀପୁର ବ୍ଲକ ଆଦିବାସୀ ସଙ୍ଘ ଏବଂ ବ୍ଲକ ମିଳିତ ସର୍ବଦଳୀୟ ପକ୍ଷରୁ ଦାବି ଉପସ୍ଥାନ ହେଇଥିଲା । ଘଟଣାଟି କାଶୀପୁର ବ୍ଲକ ଟିକିରି ଥାନା ଅନ୍ତର୍ଗତ ନକଟି ଗୁଡା ଗ୍ରାମର ବେଳଧର ମାଝୀ ଙ୍କ ଝିଅ ଲକ୍ଷ୍ମୀ ମାଝି(୨୮) ସେ ରାୟଗଡା ଜିଲ୍ଲା ଚନ୍ଦ୍ରପୁର ବ୍ଲକ ସଦର ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ଏକ ଆଲିଶା ନାମକ ବେସରକାରୀ ସଂସ୍ଥା ଦ୍ୱାରା ପରିଚ୍ାଳିତ ମାଁ ଗୃହରେ କାର୍ଯ୍ୟରତ ଥିଲେ । ଗତ ଡିସେମ୍ବର ୨୧ ତାରିଖରେ କୌଣସି କାରଣ ରୁ ତାଙ୍କୁ ହତ୍ୟା କରାଯାଇ ପରବର୍ତ୍ତୀ ସମୟରେ ନିଆଁ ଲଗେଇ ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ କରିଥିଲେ ହତ୍ୟାକାରୀ। ମୃତ ଦେହକୁ ଏକ ପରିତ୍ୟକ୍ତ ସ୍ଥାନରୁ ପୋଲିସ ଉଦ୍ଧାର କରିଥିଲା । ହେଲେ ହତ୍ୟା ପରେ ଏବେ ସୁଧା ପୋଲିସ ପ୍ରଶାସନ କାହାକୁ ଗିରଫ କରିଥିବା ସ୍ପଷ୍ଟ ପ୍ରକାଶ ପାଇପାରି ନ ଥିବାବେଳେ ଫୋନ ଟ୍ରାକ ଆଧାର କୁ ମାଧମ କରି ଏସଂକ୍ରାନ୍ତ ରେ ୮ ଜଣ ଙ୍କୁ ପୋଲିସ ଜେରା କରୁଥିବା ସୂଚ୍ନା ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ ପାଇଛି । ଆଜକୁ ୧୬ ଦିନ ବିତିଗଲା ହେଲେ ପୋଲିସ ଅନ୍ଧାରରେ ବାଡ଼ି ବୁଲାଇ ଚ୍ାଲିଛି ତେଣୁ ଜାତି ଧର୍ମ, ଦଳଗତ ନିର୍ବିଶେଷରେ କାଶୀପୁର ବ୍ଲକ ଆଦିବାସୀ ସମାଜ ସହ ବ୍ଲକ ମିଳିତ ସର୍ବଦଳୀୟପକ୍ଷରୁ ଏହାର ନିରପେକ୍ଷ ଏବଂ ଉଚ୍ଚ୍ସ୍ତରୀୟ ତଦନ୍ତ କରାଯାଉ ଏବଂ ହତ୍ୟାକାରୀକୁ ଫାଶୀ ଦଣ୍ଡ ଦେବା ସହ ଆଦିବାସୀ ଦଳିତ ମହିଳାଙ୍କୁ ନ୍ୟାୟ ଦେବାକୁ ଦାବି କରାଯାଇଛି ବୋଲି ପ୍ରକାଶ କରାଯାଇଛି। ଉକ୍ତ ବନ୍ଦ ପାଳନରେ ଜୟ ମାଝି, ସୁନସିଂ ମାଝୀ, ଜୟଚ୍ନ୍ଦ୍ର ମାଝୀ,ଅଶୋକ ମାଝୀ କେଶବ ମାଝୀ, ପାଇଲ ମାଝୀ, ,ଅଙ୍ଗଦ ନାଏକ, ରତି ନାଏକ, ଅମିତ ଗଉଡ଼, ବିଶ୍ୱମ୍ବର ନାଏକ, ଅନିଲ ଜଏନ,ଦିଲୀପ ନାଏକ, ଜଗିଜୀବନ ନାଏକ ଏବଂ ଅନ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

## ସରକାର ପେନ୍ସନ୍ ଦେବା ସପକ୍ଷରେ ଆଲୋଚନା ନ କଲେ ୧୯ ଜାନୁଆରୀରେ ସପରିବାର ସହ ଜେଲ୍ଭର୍ ଆନ୍ଦୋଳନ ନିଷ୍ପତ୍ତି

ଭୁବନେଶ୍ୱର, (ପି.ଏନ): ତା ୧୨.୦୪.୧୯୯୩ରିଖ ପୂର୍ବରୁ ଡିଏଲ୍ଆର ରୁ ୱାର୍କଚାର୍ଜଡ୍, ୱାର୍କଚାର୍ଜଡ୍ରୁ ନିୟମିତ ନିଯୁକ୍ତି ପାଇ ଅବସର ଗ୍ରହଣ କରିଥିବା ପୂର୍ତ୍ତ ବିଭାଗର କର୍ମଚାରୀମାନଙ୍କ ଆଜି ମାଷ୍ଟରକ୍ୟାଣ୍ଟିନ୍ ଛକରେ ବିଶାଳ ଶୋଭାଯାତ୍ରା ଓ ସଂଘୀୟ ସଭା ଅନୁଷ୍ଠିତ ହୋଇଥିଲା । ପେନ୍ସନ୍ ଓ ଅବସରକାଳୀନ ଭ । ପ୍ରଦାନ, ପେନ୍ସନ୍ ପାଇବା ପର୍ଯ୍ୟନ୍ତ ୱାର୍କ-ଟୁ-ୱାର୍କଚାର୍ଜଡ୍ ରେ ନିଯୁକ୍ତି ଓ ମାନ୍ୟବର ହାଇକୋର୍ଟ ଓ ସୁପ୍ରିମକୋର୍ଟ ସରକାରଙ୍କୁ ଦେଇଥିବା ଆଦେଶ କାର୍ଯ୍ୟକାରୀ କରିବା ଦାବିରେ ଓଡ଼ିଶା ୱାର୍କସ୍ ଡିପାର୍ଟମେ ୱାର୍କଚାର୍ଜଡ୍ / ରେଗୁଲାର କର୍ମଚାରୀ ଆସୋସିଏସନ୍ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ଡାକରା ଦିଆଯାଇଥିଲା । ବିକ୍ଷୋଭ ପ୍ରଦର୍ଶନ ସମୟରେ ସଂଘର ୭ଜଣ ପ୍ରତିନିଧି ପୋଲିସର ସହାୟତାରେ ମୁଖ୍ୟମନ୍ତ୍ରୀଙ୍କ ତରଫରୁ ପ୍ରତିନିଧିତ୍ୱ କରୁଥିବା ଓ.ଏସ୍.ଡି. ରୀତାରାଣୀ ମହାପାତ୍ର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ୩ ଦଫା ଦାବି ସମ୍ବଳିତ ଦାବିପତ୍ର ଗ୍ରହଣ କରିଥିଲେ । ଦାବିପତ୍ର ବିଷୟରେ ପ୍ରତିନିଧିଙ୍କ ସହ ଆଲୋଚନା ହୋଇଥିଲା ।

## ଓଡିଶା ଆଦିବାସୀ କଲ୍ୟାଣ ମହାସଂଘର କାର୍ଯ୍ୟକାରିଣୀ ବୈଠକ



ଭୁବନେଶ୍ୱର ,(ପି.ଏନ): ଭୁବନେଶ୍ୱର ସ୍ଥିତ ବିଜୁ ଶ୍ରମିକ ସମ୍ମୁଖ୍ୟ ସଭା କକ୍ଷ ଠାରେ ଓଡିଶା ଆଦିବାସୀ କଲ୍ୟାଣ ମହାସଂଘ ର ରାଜ୍ୟ ସ୍ତରୀୟ କାର୍ଯ୍ୟକାରୀଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି କ୍ଷ ଶ୍ୟାମ ସୁନ୍ଦର ଭୋଇ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ସଭାରେ ପ୍ରତି ବ୍ଲକ ରେ ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା, ଆଦିବାସୀ ମାନଙ୍କ ଜୀବନ ଜୀବିକା ଅର୍ଜନ ପାଇଁ ସ୍ୱତନ୍ତ୍ର ଆଦିବାସୀ ଯୋଜନା ରେ ଆର୍ଥିକ ସହାୟତା ପ୍ରଦାନ, ଆଦିବାସୀ ଜମି ବିକ୍ରି,ବନ୍ଧକି, ଦାନ ସୂତ୍ରେ ଅଣ ଆଦିବାସୀ ମାନଙ୍କୁ ହସ୍ତାନ୍ତରିକରଣ ପାଇଁ ଓଡିଶା ଭୁସଂସ୍କାର ଆଇନ ୧୯୬୦ ଏବଂ ରେଗୁଲେସନ ୨,୧୯୫୬ କୁ କଡାକଡି ଭାବରେ ଲାଗୁ କରିବା, ଆଦିବାସୀ ବହୁଳ ବ୍ଲକ ଗୁଡିକୁ ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦ ରେ ସାମିଲ କରିବା,ନକଲି ଆଦିବାସୀ ମାନଙ୍କ ମାମଲା ଗୁଡିକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଫଇସଲା କରିବା, ଆଦିବାସୀ ମାନଙ୍କ ଜମି, ଜଳ,ଜଙ୍ଗଲ ସୁରକ୍ଷା ସହିତ ଆଦିବାସୀ କଳା,ସଂସ୍କୃତି, ଦେବଦେବୀ ପୂଜାସ୍ଥଳୀ ନିର୍ମାଣ, ସୌନ୍ଦର୍ଯ୍ୟକରଣ କରିବା,ଭାରତ ସରକାର ଙ୍କ ସଂରକ୍ଷଣ ଆଇନ ଅନୁସାରେ କେନ୍ଦ୍ରସରକାର ଙ୍କ ସମସ୍ତ ବିଭାଗ ରେ ଆଦିବାସୀ ମାନଙ୍କ ପାଇଁ ଶତକଡା ୮.୫ ପ୍ରତିଶତ ସଂରକ୍ଷଣ କରିବା,ଓଡିଶା ର ୧ କୋଟି ଆଦିବାସୀ ମାନଙ୍କ ପାଇଁ ଭୁବନେଶ୍ୱର ରେ ରାଜ୍ୟ ଆଦିବାସୀ ଭବନ ନିର୍ମାଣ, ବଜାର ଦର ବୃଦ୍ଧି ଅନୁସାରେ ଆଦିବାସୀ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଛାତ୍ରଛାତ୍ରୀ ବୃତ୍ତି ବୃଦ୍ଧି କରିବା, କେନ୍ଦ୍ର ସରକାର କେନ୍ଦୁପତ୍ର ରୁ କର ପ୍ରତ୍ୟାହାର କରିବା ସହିତ ଆଦିବାସୀ ଭାଷା ଗୋଷ୍ଠି, କୁଇ, ହୋ, ଭୂମିଜ, ମୁଣ୍ଡାରୀ ଭାଷା କୁ ସମ୍ବିଧାନ ର ଅଷ୍ଟମ ଅନୁସୂଚୀ ରେ ସାମିଲ କରି ବା, କେନ୍ଦ୍ର ସରକାର ସମସ୍ତ ଆଦିବାସୀ ଙ୍କୁ ପ୍ରଧାନମନ୍ତ୍ରୀ ଆବାସ ପ୍ରଦାନ କରିବା , କେନ୍ଦ୍ର ସରକାର ଆଦିବାସୀ ଗାଁ ମାନଙ୍କ ରେ ନେଟୱାର୍କ ବ୍ୟବସ୍ଥା ପାଇଁ ଆଲୋଚ୍ନା କରାଯାଇଥିଲା କ୍ଷ ସଭାରେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ଲମ୍ବୋଦର ସିଂ,ବାଳକୃଷ୍ଣ ଶବର, ଜୟଦେବ ମିଞ୍ଜ, ଯୁବରାଜ ଭୋଇ,ପରମାନନ୍ଦ ମାଝୀ, ଭାନୁ ପ୍ରତାପ ସିଂ ମାଝୀ, ଚ୍ନ୍ଦ୍ରଶେଖର ବାଗ, ଯୋଗେନ୍ଦ୍ର ମିର୍ଦ୍ଧା, ଈଶ୍ୱର ଚ୍ନ୍ଦ୍ର ନାଏକ,ବିଦ୍ୟାଧର ଦେହୁରୀ, ଲକ୍ଷ୍ମୀକାନ୍ତ ବେହେରା, ବିଦ୍ୟାଧର ଶବର, ରାଜେନ୍ଦ୍ର କୁମାର ମାଝୀ,ସୁରେଶ ମାଝୀ, ଗୁପ୍ତ ?ଶ୍ୱର ମଲ୍ଲିକ, ନନ୍ଦନ ବାରିକ, ଚ୍ନ୍ଦ୍ରଶେଖର ବରିହା,ପକ୍ଷଲେଶ୍ୱର ଭୋଇ, ଗୋପାଳ ପ୍ରଧାନ ପ୍ରମୁଖ ଉଦବୋଧନ ଦେଇଥିଲେ।

## ସାମ୍ବାଦିକଙ୍କୁ ନାଲି ଆଖି ଦେଖାଇ ହଟହଟା ହେଲେ ଆସିକା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି



ଆସିକା,(ପି.ଏନ): କାହା ସାହସରେ ସଭାପତିଙ୍କ ବିବାଦୀୟ ମନ୍ତବ୍ୟ। ସାମ୍ବାଦିକଙ୍କୁ ବାହାରକୁ ତଡିବା ପାଇଁ ନିର୍ଦ୍ଦେଶ ଦେଲେ ସମବାୟ କେନ୍ଦ୍ରୀୟ ବ୍ୟାଙ୍କ ସଭାପତି ମଙ୍ଗୁଳୁଧର ସାହୁ। ଆସିକା ସମବାୟ କେନ୍ଦ୍ରୀୟ ବ୍ୟାଙ୍କ ସଭାପତିଙ୍କ ନେତୃତ୍ୱରେ ହେଉ ଥିଲା କୋର କମିଟି ବୈଠକ। ଉକ୍ତ ବୈଠକରେ ନିର୍ଦ୍ଦ?ଶକ ମାନଙ୍କ ସହିତ ବଚ୍ସା ହେଲା। ଗଣ୍ଡଗୋଳ ସମୟରେ ସାମ୍ବାଦିକ ମାନଙ୍କୁ କିଛି ନିର୍ଦ୍ଦ?ଶକ ଡାକିଥିଲେ, ସାମ୍ବାଦିକ ମାନେ ସେଠାରେ ପହଞ୍ଚି ଚେଷ୍ଟା କରିଥିଲେ ବୈଠକ ଗୃହ ନିକଟକୁ ଯିବାକୁ, ହେଲେ ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ ସଭାପତି ଦୁର୍ବ୍ୟବହାର ଦେଖାଇ ନିର୍ଦ୍ଦେଶ ଦେଲେ କି ସାମ୍ବାଦିକଙ୍କୁ ତଡିବା ପାଇଁ। ଏଭଳି ଅଶୋଭନୀୟ ଓ ବିବାଦୀୟ ମନ୍ତବ୍ୟକୁ ନେଇ ଚ୍ାରିଆଡୁ ସଭାପତିଙ୍କୁ ନିନ୍ଦା କରାଯାଇଛି। ବ୍ୟାଙ୍କରେ ବିପୁଳ ଅନିୟମିତତା ଓ ଜାଲିଆତି ନେଇ ସଭାପତିଙ୍କୁ ଘେରି ଥିଲେ ନିର୍ଦ୍ଦ?ଶକ ମାନେ। ଉକ୍ତ ବୈଠକରେ ସଭାପତି ଓ ସମସ୍ତ ନିର୍ଦ୍ଦ?ଶକ ପରସ୍ପରଙ୍କ ମଧ୍ୟରେ ବଚ୍ସା ହୋଇଥିଲା ।ଏ ନେଇ ସାମ୍ବାଦିକ ମାନେ ପହଂଚ୍ି ପ୍ରଶ୍ନ କରିବାରୁ ସଭାପତି ଉଚ୍ଚ୍ା ଗଳାରେ ସାମ୍ବାଦିକ ମାନଙ୍କୁ ତଡ଼ି ଦେବା ପାଇ ନିର୍ଦ୍ଦେଶ ଦେଇଥିଲେ । ଏଭଳି ଅଶୋଭନୀୟ ମନ୍ତବ୍ୟକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ ସାମ୍ବାଦିକ । ଏହି ଘଟଣା ପରେ ସାମ୍ବାଦିକ ମାନେ ସମବାୟ ବ୍ୟାଙ୍କ ସମ୍ମୁଖରେ ବିକ୍ଷୋଭ କରିଛନ୍ତି। ଗଣମାଧମକୁ ନାଲି ଆଖି ଦେଖାଇବା ପରେ ଏକାଠି ହୋଇଥିଲେ ଆସିକା ଜର୍ଣ୍ଣାଲିଷ୍ଟ ଆସୋସିଏସନର ସାମ୍ବାଦିକ ମାନେ। ଅନଭିଜ୍ଞ ଓ ଦାୟିତ୍ୱହୀନ ସମବାୟ ବ୍ୟାଙ୍କ ସଭାପତିଙ୍କ ଏହି ବିବାଦୀୟ ମନ୍ତବ୍ୟକୁ ନେଇ ବିଭିନ୍ନ ମହଲରୁ ଘୋର ନିନ୍ଦା କରାଯାଇଛି।ବୈଠକ ଅଧାରୁ ସମବାୟ ବ୍ୟାଙ୍କ ସଭାପତି ଆସି ସାମ୍ବାଦିକ ମାନଙ୍କୁ କହିଥିଲେ କି ବୈଠକରେ ଆମେ ଗଣ୍ଡଗୋଳ ହେଉଥିଲୁ ସତ କିନ୍ତୁ ଏବେ ମିଳିମିଶି ଭୋଜି ଖାଇବୁ, ଯଦି ମୋର ଭୁଲ ହୋଇଛି ତାହାଲେ ମୁଁ କ୍ଷମା ମାଗୁଛି କହି ଚ୍ାଲିଯାଇଥିଲେ, କିନ୍ତୁ ତାହା ବି ବେପରୁଆ ଢଙ୍ଗରେ। ସେଥିପାଇଁ ସାମ୍ବାଦିକ ମାନେ ଉତ୍ତ୍ୟକ୍ତ ହୋଇ ଧାରଣାରୁ ଓହରି ନଥିଲେ ।ଶେଷରେ ଆସିକା ଥାନା ଅଧିକାରୀ ସ୍ୱରୂପ କିଷାନ ଓ ପୋଲିସ ଅଧିକାରୀ ମାନଙ୍କ ଉପସ୍ଥିତରେ ସମବାୟ ବ୍ୟାଙ୍କ ସଭାପତି ମଙ୍ଗୁଳୁ ଧର ସାହୁ ହାତଯୋଡ଼ି ସମସ୍ତ ଗଣମାଧମ ପ୍ରତିନିଧି ମାନଙ୍କୁ କ୍ଷମା ମାଗିଥିଲେ ।ଆଗାମୀ ଦିନରେ କୌଣସି ସାମ୍ବାଦିକ ବନ୍ଧୁଙ୍କୁ ସରକାର କର୍ମଚ୍ାରୀ ଏଭଳି ଦୁର୍ବ୍ୟବହାର କଲେ ସାମ୍ବାଦିକ ମାନେ ଏକତ୍ରିତ ହେବେ ବୋଲି ସାମ୍ବାଦିକ ସଙ୍ଘ ପକ୍ଷରୁ ନିଷ୍ପତି ନିଆଯାଇଛି।

## ଘନ ଘନ ଚୋରି ଘଟଣା ଘଟାଉଛନ୍ତି ଦୁର୍ବୃତ୍ତ ମାନେ

ରାୟଗଡ଼ା,(ପି.ଏନ): ରାୟଗଡ଼ା ସହରରେ ଚୋର ଙ୍କ ଆତଙ୍କ ଦିନକୁ ଦିନ ବଢୁଥିବା ଦେଖା ଦେଇଛି । ରାୟଗଡ଼ା ସହରର ଘର ମାଲିକ ଘରକୁ ତାଲା ପକାଇ କିଛି ଦିନ ଅନ୍ୟ ଗ୍ରାମକୁ ଯାଇ ଆସିଲା ବେଳକୁ ଚୋର ମାନେ ଘରର ସୁନା ଗହଣା ଓ ନଗଦ ଟଙ୍କା ଲୁଟି ନେଇ ଯାଉଛନ୍ତି। ଚୋର ମାନେ ପୋଲିସ ଆଖି ରେ ଧୂଳି ଦେଇ ନିଶ୍ଚିନ୍ତ ଭାବେ କଳା କନା ବୁଲାଇବା ଅଭ୍ୟସ୍ତ ହୋଇ ଯାଇଛନ୍ତି। ରାୟଗଡା ସହରର ଜନଗହଳି ପୁର୍ଣ୍ଣ ଓ ସୁରକ୍ଷିତ ସ୍ଥାନ ବ୍ରାହ୍ମଣ ସାହିରେ ଚୋରି ଘଟଣା ଘଟାଇବା ପାଇଁ ଧୈର୍ଯ୍ୟ ଓ ସାହସ କେହି କରିନାହାନ୍ତି। ଶେଷ ରେ ଚୋର ମାନେ ରାୟଗଡା ସହରର ବ୍ରାହ୍ମଣ ସାହିରେ ଚୋର ଘଟଣା ଘଟାଇବା ସଫଳ ଓ ସକ୍ଷମ ହେଇଛନ୍ତି। ମାନେ ପୋଲିସର ନିଷ୍କ୍ରିୟତା ଯୋଗୁଁ ଚୋର ମାନଙ୍କ ମୁଁହ ଟାଣ ହେଇଛି, ବୋଲି ସାଧାରଣରେ ଚ୍ର୍ଚ୍ଚାର ବିଷୟ ପାଲଟିଛି। ପୋଲିସଙ୍କ ଅପେକ୍ଷା ଚୋର ମାନଙ୍କ ପାଖରେ କେଉଁ ଘରେ କେତେଦିନ ହେଲା ତାଲା ପଡିଛି ବା ତାଲା ପକାଇ ଘର ଲୋକ ଅନ୍ୟ ଗ୍ରାମ କୁ ଯାଉଥିବା ବିଷୟ ତୁରନ୍ତ ଚୋର ମାନଙ୍କ ନିକଟରେ ଖବର ପହଞ୍ଚିଛି ଯାଉଛି ବୋଧ ହୁଏ। ପ୍ରତିଦିନ ରାୟଗଡା ସହରରେ ଚୋରି ଘଟଣା ଘଟାଇବା ଖବର ପ୍ରକାଶ କଲେ ମଧ ପୋଲିସ ଅଧିକାରୀ ମାନେ ଉଚ୍ିତ ପଦକ୍ଷେପ ଗ୍ରହଣ କରୁନାହାନ୍ତି କାହିଁକି ବୋଲି ସାଧାରଣ ରେ ପ୍ରଶ୍ନବାଚ୍ୀ ସୃଷ୍ଟି କରିଛି। ବ୍ରାହ୍ମଣ ସାହିର ସୁପ୍ରଭା ଶତପଥୀ ବାବୁ ଙ୍କ ପତ୍ନୀ କହିବା ଅନୁସାରେ ଗତ ଗୁରୁବାର(୨୮/୧୨) ଦିନ ସେ ଘରକୁ ତାଲା ଦେଇ ପାରଳାଖେମୁଣ୍ଡି ସହରକୁ ଯାଇ ଥିଲେ। ସୋମବାର (୦୨/୦୧/୨୪) ସନ୍ଧ୍ୟାରେ ଆସି ଦେଖିଲା ବେଳକୁ ତାଙ୍କ ଘର ମୁଖ୍ୟ କବାଟର ଗେଡ଼ା ଭାଙ୍ଗି ଆଲମାରୀ ତାଡି ପ୍ରାୟ ୧୫ ଭରି ସୁନା ଗହଣା ଓ ପ୍ରାୟ ୦୮ ଭାରି ରୂପା ଗହଣା ଚୋରି ହୋଇଯାଇ ଥିବା ଦେଖିବାକୁ ପାଇଲେ ଓ ଆଲାମିରା ର ଲୁଗା ପଟା ଏପଟ ସେପଟ ଫିଙ୍ଗା ଫିଙ୍ଗି ଚୋର ମାନେ କରିଛନ୍ତି। ପୋଲିସ ଥାନାରେ ଏତଲା ଦେଲେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସାଇନଟିଫିକ ଦଳ ସହ ସଂଧନି କୁକୁର ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଦେଖାଯାଉ ପୋଲିସ କଣ କରୁଛନ୍ତି। ପୋଲିସ ଅଧିକାରୀ ମାନଙ୍କ ବିଶ୍ୱସନୀୟତା ଦିନ କୁ ଦିନ ହ୍ରାସ ପାଉଥିବା

## ବ୍ଲକ ସ୍ତରୀୟ ନୂଆ-ଓ କ୍ରୀଡ଼ା କାର୍ଯ୍ୟ କ୍ରମ ଉଦଘାଟନ



କଲ୍ୟାଣସିଂହପୁର,(ପି.ଏନ): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ରେ ନୂଆ-ଓ କ୍ରୀଡ଼ା କାର୍ଯ୍ୟ କ୍ରମ ଜଗନ୍ନାଥ ପୁର ସରକାରୀ ଉଚ୍ଚ୍ ବିଦ୍ୟାଳୟ ଠାରେ ଆଜି ଉଦଘାଟନ ହୋଇଥିଲା। ଏହି କ୍ରୀଡ଼ା କାର୍ଯ୍ୟ କ୍ରମରେ ମୁଖ୍ୟ ଅତିଥି ଭାବେ ଅନୁସୂଚ୍ିତ ଜନଜାତି ଓ ଜାତି ଉନ୍ନୟନ ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ଓ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇଥିଲେ। ସମ୍ମାନୀୟ ଅତିଥି କ' ଜନ ଜିଲ୍ଲା ପରିଷଦ ବି ଭରା ପ୍ରସାଦ ରାଓ, ଉପାଧକ୍ଷ ଦମ୍ବୁରୁ କଞ୍ଚକା, ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦର ଉପସଭାପତି ବନମାଳୀ କାଡ୍ରାକା,ଲ୍ୟାମ୍ପ ସଭାପତି ଶଙ୍କର ହୁଇକା,ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜୀବ ଦାସ,ଏଇ ସବ୍ୟସାଚ୍ୀ ନାୟକ, ଜଗନ୍ନାଥ ପୁର ସରକାରୀ ଉଚ୍ଚ୍ ବିଦ୍ୟାଳୟ ର ପ୍ରଧାନ ଶିକ୍ଷତ୍ରୀ କଜ୍ଜନା ସୁନାନୀ, ବ୍ଲକ ସମ୍ପ୍ରସାରଣ ଅଧିକାରୀ ଚ୍ନ୍ଦନ ଦାସ ବାଙ୍ଗାରି ଓ ସୁନାଖଣ୍ଡି ଗ୍ରାମ ପଞ୍ଚାୟତର ସରପଞ୍ଚ ସଞ୍ଜୟ ନିଶିକା ସମେତ ବ୍ଲକ ର ବିଭିନ୍ନ ପଞ୍ଚାୟତ ର ସରପଞ୍ଚ, ସମିତି ସଭ୍ୟ ମାନେ ମଞ୍ଚାସିନ ରହିଥିଲେ। ଏହି ନୂଆ-ଓ କ୍ରୀଡା କାର୍ଯ୍ୟ କ୍ରମ ଚ୍ଳିତ ମାସ ୪/୧ରିଖ ଠାରୁ ୬/୧ ରିଖ ୩ ଦିନ ପର୍ଯ୍ୟନ୍ତ ଚ୍ାଲିବ ବୋଲି ଜଣାପଡିଛି। ଏହି କ୍ରୀଡା ଉତ୍ସବରେ କ୍ରିକେଟ ରେ ୭ଟି ଦଳ, ଖୋକ ରେ ୩ଦଳ, କବାଡି ରେ ୪ ଦଳ ଓ ଭଲିବଲ ରେ ୫ଟି ଦଳ ଭାଗଣେଇଥିବା ସୂଚ୍ନା ମିଳିଛି। ବ୍ଲକ ସ୍ତରରେ ଯେଉଁ ଦଳ ବିଜୟ ହାସଲ କରିବ ସେହି ଦଳ ଜିଲ୍ଲା ସ୍ତରରେ ଖେଳିବ ବୋଲି ଜଣାପଡିଛି ।ଏହି ବ୍ଲକ ସ୍ତରୀୟ ନୂଆ-ଓ କ୍ରୀଡା କାର୍ଯ୍ୟ କ୍ରମ ର ଉଦଘାଟନ ଉତ୍ସବରେ ବିଶ୍ୱନାଥ କାଡ୍ରାକା ଓ ଗୁରୁପ୍ରସାଦ ପବିତ୍ର ମୋହନ ମଞ୍ଚ ପରିଚ୍ାଳନା କରିଥିବା ବେଳେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର କର୍ମଚ୍ାରୀ, ଅଗ୍ନିଶମ ବିଭାଗ ର କର୍ମଚ୍ାରୀ, ପୁଲିସ ପ୍ରଶାସନ ସମେତ ବିଭିନ୍ନ ବିଦ୍ୟାଳୟ ର ଶିକ୍ଷକ, ଶିକ୍ଷୟିତ୍ରୀ ମାନେ ସଂପୂର୍ଣ୍ଣ ଭାବେ ସହଯୋଗ କରିଥିଲେ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)

FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities
TUITION CLASSES
for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viöötage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray